ବର୍ଷ-୨୪, ସଂଖ୍ୟା-୨୪୦
ଭୁବନେଶ୍ୱର
୩୦ ସେପ୍ଟେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 240
Bhubaneswar
30 September, 2024, Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ବଡ଼ଚଣାରେ ବିରୋଧୀଙ୍କ ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ

ବଡ଼ଚଣା,୨୯।୯(ମହାଭାରତ): ବିକାଶ ନାଁରେ ୩ଟି ପରିବାର ଯାଜପୁରକୁ ଲୁଟିଛନ୍ତି। ଆଜି ଯାଜପୁରର ବଡ଼ଚଣାରେ ବିଜେପିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ନାଁ ନନେଇ ବିଜେଡିର ୩ ଜଣ ନେତାଙ୍କୁ ଟାର୍ଗେଟ କରି ଏ କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ

ଖଣି ସମୃଦ୍ଧ ଯାଜପୁରକୁ ଲୁଟିଛନ୍ତି ୩ ପରିବାର

ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମାନେ (୩ ବିଜେଡି ନେତା) ନିଜକୁ କ୍ରୀତଦାସ କହିବାକୁ ବି ପଛାଉ ନଥିଲେ। ନିଜକୁ ନବୀନଙ୍କ କ୍ରୀତଦାସ କହୁଥିଲେ। ଯାଜପୁରକୁ ସମୃଦ୍ଧ କରିଦେବେ ବୋଲି କହୁଥିଲେ। କିନ୍ତୁ କୁଆଡ଼େ ଗଲା ସମୃଦ୍ଧ ଜିଲ୍ଲା। ଆପଣମାନେ ସେମାନଙ୍କୁ ଉଚିତ ଜବାବ ଦେଲେ। ଗୋଟିଏ ନୁହେଁ, ୩ଟି ପରିବାର ଯାଜପୁର ଜିଲ୍ଲାକୁ ବିକାଶ ନାଁରେ ବିନାଶ କରିଛନ୍ତି। କାହାକୁ ନ୍ୟାୟ ଦେଇନାହାନ୍ତି। ଯାଜପୁର ଏକ ଶିଳ୍ପ ସମୃଦ୍ଧ ଓ ଖଣି ଖାଦାନରେ ଭରପୂର ଅଞ୍ଚଳ। ଏହି ଜିଲ୍ଲାର ଯେତିକି ଉନ୍ନତି ହେବା କଥା ସେତିକି ହୋଇନି। ଲୋକେ ଗରିବ। ବିଗତ ସରକାରରେ ଅବହେଳିତ ହୋଇଥିବା ଲୋକଙ୍କୁ ସୁବିଧା ମିଳିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।ବିଜେଡିକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ ଅ।ହୁରି କହିଛନ୍ତି, ବିଜେଡିର ଗାଁକୁ କାମ, ନାରୀକୁ ସମ୍ମାନ ନାରା କେତେ କାର୍ଯ୍ୟକାରୀ ହୋଇଛି। ଗାଁକୁ ଭଲ ରାସ୍ତା ନାହିଁ। ବିକାଶମୂଳକ କାମ ନାଁରେ ଦୁର୍ନୀତି ହୋଇଛି। ନାରୀକୁ କେତେ ସମ୍ମାନ ଦେଇଛନ୍ତି, ତାହା ୨/୩ ବର୍ଷ ତଳୁ ଅ।ମେ ଦେଖିଛୁ। ଧର୍ମଶାଳ ପିଇଓ ସ୍ମିତାରାଣୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଯେଉଁମାନେ ମାଆ।ଙ୍କୁ ସମ୍ମାନ ଦେବା କଥା କହୁଥିଲେ,ସେମାନେ ସ୍ମିତାରାଣୀକୁ ହତ୍ୟା କରିଥିଲେ।ନ୍ୟାୟ ଦେବା ପରିବର୍ତ୍ତେ କୁଜି ନେତାଙ୍କୁ ଘଣ୍ଟ ଘୋଡ଼ାଇ ରଖିଲେ। ପିଇଓ ସ୍ମିତାରାଣୀ ମୃତ୍ୟୁ ମାମଲାର ତଦନ୍ତ ହେବ। ଯିଏ ବି ଦୋଷୀ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଯାଜପୁରର ନଗଡ଼ା ଅପପୁଷ୍ଟି କଥା କେବଳ ରାଜ୍ୟ ନୁହେଁ, ପୂରା ଦେଶରେ ଚର୍ଚ୍ଚାରେ ଥିଲା। ଖାଇବାକୁ ନପାଇ ପ୍ରାୟ ୧୫ ଶିଶୁଙ୍କ ଜୀବନ ଯାଇଥିଲା।ଯାଜପୁରର ଗୁରୁବାରୀ ମାଉସୀ ଝକୁଣ୍ଡା ପତ୍ର ଭାଜି ଖାଇଥିଲେ। ୨୪ ବର୍ଷ ଭିତରେ କି ବିକାଶ ହୋଇଛି? ଅ।ହୁରି ସମୟ ମାଗୁଥିଲେ। ୨୪ ବର୍ଷର ଶାସନରେ ବିକାଶ ନାଁରେ ବିନାଶ କରିଛି ବିଜୁ ଜନତା ଦଳ। କେବଳ ଏତିକି ନୁହେଁ, ବିଜେଡ଼ି ସରକାରରେ ନିଜେ ନବୀନ ପଟ୍ଟନାୟକ ୧୬ ବର୍ଷ ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠକୁ ଆସୁନଥିଲେ, ଜଣେ ଅଫିସର କାଗଜ ଧରି ମିଛ ପ୍ରଚାର କରୁଥିଲେ। ହେଲେ ଆଜି ଲୋକଙ୍କ ଗୁହାରି ଶୁଣିବା ପାଇଁ ଅଭିଯୋଗ ପ୍ରକୋଷ୍ଠ ସଂପୂର୍ଣ୍ଣ ଖୋଲା ରହିଛି। ଏବେ ଲୋକଙ୍କ ସରକାର ଲୋକଙ୍କ ଉନ୍ନତି ପାଇଁ, ସମାଜର ସବୁ ବର୍ଗଙ୍କ ହିତ ପାଇଁ ଚିନ୍ତା କରୁଛନ୍ତି। ଆସନ୍ତୁ ଯାଜପୁର ସହିତ ସମଗ୍ର ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଭାରତୀୟ ଜନତା ପାର୍ଟିକୁ ଆହୁରି ସଶକ୍ତ କରିବା ନିମନ୍ତେ ଏହି ବିଶାଳ ସଦସ୍ୟତା ଅଭିଯାନରେ ସାମିଲ ହେବା। ରାଷ୍ଟ୍ରବାଦୀ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ରାଜ୍ୟର ହିତ ପାଇଁ ନିଜକୁ ସେବକର ପରିଚୟ ଦେବ। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଧର୍ମଶାଳା ଯୁବ ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦେଇ ଥିଲେ।

ଅକ୍ଟୋବର ୯ରେ ସୁଭଦ୍ରାର ଦ୍ୱିତୀୟ କିସ୍ତି

ଭୁବନେଶ୍ୱର,୨୯।୯(ମହାଭାରତ): ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ପାଇଁ ଲାଗି ରହିଥିବା କଳ୍ପନା ଜଳ୍ପନାର ଏକ ପ୍ରକାର ଅନ୍ତ ଘଟିଛି। ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଅକ୍ଟୋବର ୯ରେ ଆସିବ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ନେଇ ରବିବାର ସୂଚନା ଦେଇଛନ୍ତି।

ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କୁ ଦିଅ।ଯିବ ବାରିପଦାରେ ଅ।ୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଏହି ଟଙ୍କା ପ୍ରଦାନ କରିବେ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କୁ ଦିଅ।ଯିବ। ବାରିପଦାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଟଙ୍କା ପ୍ରଦାନ କରିବେ। ସେପ୍ଟେମ୍ବର ୭ ତାରିଖ ଯାଏ ଆବେଦନ କରିଥିବା ମହିଳା ୯ରେ ଟଙ୍କା ପାଇବେ। ସୁଭଦ୍ରା ଯୋଜନାରେ ପ୍ରଥମ ହିତାଧିକାରୀ ଓ କୋଟିଏ ନମ୍ବରରେ ଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରିବେ ମୁଖ୍ୟମନ୍ତ୍ରୀ।ପ୍ରାୟ ୪୦ ଲକ୍ଷ ମହିଳାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିବ।ବର୍ତ୍ତମାନ ସୁଦ୍ଧା ୯୭ ଲକ୍ଷ ମହିଳା ସୁଭଦ୍ରା ପାଇଁ ଆବେଦନ କରିଛନ୍ତି।ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ଟଙ୍କା ମିଳିଛି ମାର୍ଚ୍ଚ ୮ ପୂର୍ବରୁ ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି

ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା।ସୂଚନାଯୋଗ୍ୟ, ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା ଭୁବନେଶ୍ୱରରେ ଅ।ୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାର ପ୍ରତି ବର୍ଷ ୨ଟି କିସ୍ତିରେ ୧ କୋଟି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଦେବେ ଏହି ପରି ୫ ବର୍ଷରେ ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବେ।

ଜାରି ରହିବ ଇ-କେୱାଇସି

ଭୁବନେଶ୍ୱର,୨୯।୯(ମହାଭାରତ): ପ୍ରକୃତ ରାସନକାର୍ଡ ହିତାଧିକାରୀ ଚିହ୍ନଟ ପାଇଁ ଚାଲିଥିବା ଇ-କେୱାଇସି ଏବେ ବନ୍ଦ ହେବନି। ଯେଉଁ ପର୍ଯ୍ୟନ୍ତ ଶେଷ ବ୍ୟକ୍ତିଙ୍କ ଇ-କେୱାଇସି ସରିନି, ସେଯାଏଁ କାମ ଚାଲୁ ରହିବ ବୋଲି ଅ।ଜି ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ମନ୍ତ୍ରୀ ଅ।ହୁରି କହିଛନ୍ତି, ପାଖାପାଖି ସାଢ଼େ ୩ କୋଟି ଲୋକଙ୍କ ଇ-କେୱାଇସି ହେବ। ଅଦ୍ୟାବଧି ୨ କୋଟି ଲୋକଙ୍କ ଇ-କେୱାଇସି ସରିଛି, ଅ।ଉ ଦେଖି କୋଟି ଲୋକଙ୍କର ବାକି ରହିଛି। ଏଥିପାଇଁ ମାସେ, ଦେଢ଼ମାସ ସମୟ ଲାଗିପାରେ। ଇ-କେୱାଇସି ସରିଲା ପରେ କେତେ ଫଲ୍ସ କାର୍ଡ ଥିଲା ତାହା ସ୍ପଷ୍ଟ ହୋଇଯିବ।ସେମାନଙ୍କୁ ଯୋଜନାରୁ କାଟି ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ବଣ୍ଟା ହେବ ବୋଲି ସ୍ପଷ୍ଟ କରିଛନ୍ତି ମନ୍ତ୍ରୀ। ସେହିଭଳି ଯୋଗାଣ ମନ୍ତ୍ରୀ ପୂର୍ବରୁ କହିଥିଲେ କି, ଇ-କେୱାଇସି ପାଇଁ ଯେଉଁଠି ଚାହିଁଲେ ବି କରିପାରିବେ। ଓଡିଶା ବାହାରେ ଥିଲେ ବି କରିପାରିବେ ଇ-କେୱାଇସି କଟିବନି ରାସନ କାର୍ଡ।

ସେହିପରି ପାର୍ବଣ ସମୟରେ ଅପମିଶ୍ରିତ ଖାଇବା ସାମଗ୍ରୀ ଉପରେ ଜୋରଦାର ଚଢ଼ାଉ ହେବ। ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପାର୍ବଣ ସମୟରେ ନିୟମିତ ଚଢ଼ାଉ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଦୁଗ୍ଧ ଜାତୀୟ ସାମଗ୍ରୀ ଉପରେ ବିଶେଷ ନଜର ରହିବ ବିଭିନ୍ନ ପ୍ରକାର ମିଠା ବ୍ୟବସାୟ ଉପରେ ମଧ୍ୟ ଚଢ଼ାଉ ହେବ ବୋଲି ସେ କହିଛନ୍ତି । ଏନେଇ ଏନଫୋର୍ସମେଣ୍ଟ ଟିମକୁ ନିର୍ଦ୍ଦେଶ ଦିଅ।ଯାଇଛି ଅପମିଶ୍ରଣ ହେଉଥିବା ପ୍ରମାଣ ମିଳିଲେ ସଙ୍ଗେସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଛି ଦିନ ପୂର୍ବରୁ କଟକରେ ଏକ ନକଲି କ୍ଷୀର କମ୍ପାନୀ ଠାବ ହେବାପରେ ବିଭାଗ ପକ୍ଷରୁ ଏଭଳି କଠୋର ଅ।ଭିମୁଖ୍ୟ ଗ୍ରହଣ କରିଛି।

ଆଇପିଏସ୍‌ସ୍ତରରେ ବଡଧରଣର ଅଦଳବଦଳ

ଭୁବନେଶ୍ୱର,୨୯।୯(ମହାଭାରତ): ରାଜ୍ୟ ସରକାର ଆଜି ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। ନୂଆ ଡିଜିପି ଭାବେ ୱାଇ.ବି ଖୁରାନିଆ ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ଦେଢ଼ ମାସ ପରେ ଆଇପିଏସ୍ ସ୍ତରରେ ଏହି ଅଦଳବଦଳ ହୋଇଛି। ଉଭୟ ବରିଷ୍ଠ ଆଇପିଏସ୍ ଓ ଏସ୍‌ପି ସ୍ତରରେ ହୋଇଛି ବ୍ୟାପକ ବଦଳି। ଗୁଇନ୍ଦା ନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ ଏଡିଜିଙ୍କଠାରୁ ଆରମ୍ଭ କରି କଟକ-ଭୁବନେଶ୍ୱର ପୁଲିସ କମିଶନର ପର୍ଯ୍ୟନ୍ତ ଅନେକ ଗୁରୁତତ୍ୱପୂର୍ଣ୍ଣ ଓ ବଡ଼ ବଡ଼ ପଦବୀରେ ଥିବା ଆଇପିଏସ ଅଫିସରଙ୍କୁ ବଦଳି କରାଯାଇଛି। ସେହିପରି ୨୦ଟି ଜିଲ୍ଲାର ଏସ୍‌ପି ବଦଳିଛନ୍ତି।ସେମାନଙ୍କ ସହିତ ବ୍ରହ୍ମପୁର ଓ ରାଉରକେଲା ଏସ୍‌ପି ମଧ୍ୟ ବଦଳିଛନ୍ତି।

ପ୍ରିଣ୍ଟିଂ, ଷ୍ଟେସନାରୀ ଓ ପବ୍ଲିକେସନ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏ.କେ ରାୟଙ୍କୁ ଜେଲ୍ ଡିଜି କରାଯାଇଛି।ଗୃହ ବିଭାଗରେ ଓଏସ୍‌ଡି ଭାବେ କାର୍ଯ୍ୟ କରୁଥିବା ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଏସ୍.ଏମ୍ ନରାଣେଙ୍କୁ ପ୍ରିଣ୍ଟିଂ, ଷ୍ଟେସନାରୀ ଓ ପବ୍ଲିକେସନ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି।

୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏବେ ସ୍ପେଶାଲ ଅ।ର୍ମଡ ପୁଲିସର ଏଡିଜିପି ଥିବା ଆର.ପି କୋଚେଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏବେ ଗୁଇନ୍ଦା ନିର୍ଦ୍ଦେଶକ ଥିବା ୧୯୯୫ ବ୍ୟାଚ୍‌ର ଅ।ଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଏଡିଜିପି ଆଧୁନିକୀକରଣ ଦାୟିତ୍ୱ ଦିଆଯାଇଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲାଙ୍କୁ ଏସ୍‌ସିଆରବି ଓ ଏସ୍‌ଏଫଏସ୍‌ଏଲର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

୧୯୯୪ ବ୍ୟାଚ୍‌ର ଆଇପିଏସ୍ ତଥା କଟକ-ଭୁବନେଶ୍ୱର ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଏଡିଜି ଟ୍ରେନିଂ ଓ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ (ବିପିଏସ୍‌ଏପିଏ)ର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏଡିଜିପି (ଅପରେସନ) ସୁରେଶ ଦେବଦତ୍ତ ସିଂହ ହେବେ କଟକ-ଭୁବନେଶ୍ୱରର ନୂଆ ପୁଲିସ କମିଶନର।କ୍ରାଇମବ୍ରାଞ୍ଚ ଏଡିଜି ଅରୁଣା ବୋଥ୍ରାଙ୍କର ବଦଳି ହୋଇଛି। ତାଙ୍କୁ ରେଲୱେ ଓ ତଟ ସୁରକ୍ଷା ଏଡିଜିପି ଦାୟିତ୍ୱ ଦିଆଯାଇଛି। ଅରୁଣ ବୋଥ୍ରାଙ୍କ ସ୍ଥାନରେ ଏସ୍‌ସିଆରବିର ନିର୍ଦ୍ଦେଶକ ଥିବା ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ କରାଯାଇଛି କ୍ରାଇମବ୍ରାଞ୍ଚ ଏଡିଜି। କଟକ ସ୍ଥିତ ପୁଲିସ ମୁଖ୍ୟାଳୟର ଏଡିଜିପି ଭାବେ ଅବସ୍ଥାପିତ ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଧାକୃଷ୍ଣ ଶର୍ମାଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଏଡିଜିପି ଆଧୁନିକୀକରଣ ଦାୟିତ୍ୱରେ ଥିବା ଦୟାଲ୍ ଗଙ୍ଗୱାରଙ୍କୁ ପୁଲିସ ମୁଖ୍ୟାଳୟର ଏଡିଜିପି ଭାବେ ବଦଳି କରାଯାଇଛି। ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ରେଲୱେ ଓ ତଟ ସୁରକ୍ଷା ଏଡିଜିପି ରାଜେଶ କୁମାରଙ୍କୁ ସ୍ପେଶାଲ୍ ଆର୍ମଡ ପୁଲିସ ଏଡିଜିପି ଭାବେ ବଦଳି କରାଯାଇଛି। ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀର ଆଇଜିପି ଏସ୍ ସାଇନିଙ୍କୁ ସିଏଡବ୍ଲୁ ଓ ସିବ୍ଲୁ ର ଅ।ଇଜିପି ଭାବେ ବଦଳି କରାଯାଇଛି।

କଟକରେ ଅବସ୍ଥାପିତ କେନ୍ଦ୍ରାଞ୍ଚଳ ଆଇଜିପି ସଞ୍ଜୟ କୁମାର କୌଶଲଙ୍କୁ ଭିଜିଲାନ୍ସ ଆଇଜିପି, ବାଲେଶ୍ୱରରେ ଅବସ୍ଥାପିତ ପୂର୍ବାଞ୍ଚଳ ଆଇଜିପି ଦୀପକ କୁମାରଙ୍କୁ ଅଗ୍ନିଶମ ଓ ହୋମଗାର୍ଡ ଆଇଜିପି ଓ ବ୍ରହ୍ମପୁରରେ ଅବସ୍ଥାପିତ ଦକ୍ଷିଣାଞ୍ଚଳ ଆଇଜିପି ଜୟ ନାରାୟଣଙ୍କୁ ଆଇଜିପି ଅପରେସନ ଭାବେ ବଦଳି କରାଯାଇଛି।ଖୋର୍ଦ୍ଧା ଏସ୍‌ପି ଥିବା ୨୦୦୭ ବ୍ୟାଚ୍‌ର ଅ।ଇପିଏସ୍ ଅଫିସର ଅବିନାଶ କୁମାରଙ୍କୁ ସ୍ପେଶାଲ୍ ଅ।ର୍ମଡ ପୁଲିସ ଡିଅ।ଇଜି ଭାବେ ବଦଳି କରାଯାଇଛି। ସେହିଭଳି ଡିଅ।ଇଜି ରାଙ୍କରେ ଥିବା ବ୍ରହ୍ମପୁର ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କୁ ଦକ୍ଷିଣାଞ୍ଚଳ ଡିଅ।ଇଜି ଭାବେ ବ୍ରହ୍ମପୁରରେ ଅବସ୍ଥାପିତ କରାଯାଇଛି।ପଶ୍ଚିମାଞ୍ଚଳ ଡିଅ।ଇଜି ଭାବେ ରାଉରକେଲାରେ ଅବସ୍ଥାପିତ ନିତି ଶେଖରଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଡିଅ।ଇଜି ଭାବେ କୋରାପୁଟକୁ ବଦଳି କରାଯାଇଛି।୨୦୦୮ର ଅ।ଇପିଏସ୍ ଅଫିସର ତଥା ଡିଅ।ଇଜି ରାଙ୍କରେ ଥାଇ ଅନୁଗୋଳ ଏସ୍‌ପି ଥିବା ଉମାଶଙ୍କର ଦାଶ ଭୁବନେଶ୍ୱର-କଟକ କମିଶନରେଟ ପୁଲିସକୁ ଫେରିଛନ୍ତି ତାଙ୍କୁ ଭୁବନେଶ୍ୱର-କଟକ କମିଶନରେଟ ପୁଲିସର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ଡିଅ।ଇଜି ରାଙ୍କରେ ଥାଇ କଟକ ଡିସିପି ଥିବା ପ୍ରକାଶ ଆରଙ୍କୁ କ୍ରାଇମବ୍ରାଞ୍ଚ ଡିଆଇଜି ଭାବେ ବଦଳି କରାଯାଇଛି। ଡିଆଇଜି ରାଙ୍କରେ ଥାଇ ରାଉରକେଲା। ଏସ୍‌ପି ଥିବା ବ୍ରିଜେଶ କୁମାର ରାୟଙ୍କୁ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଭାବେ ରାଉରକେଲାରେ ଅବସ୍ଥାପିତ କରାଯାଇଛି।କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଅଖିଳେଶ୍ୱର ସିଂହଙ୍କୁ ଡିଅ।ଇଜି ଅପରେସନ ଦାୟିତ୍ୱ ଦିଅ।ଯାଇଛି। ୨୦୦୯ ବ୍ୟାଚ୍‌ର ଆଇପିଏସ୍ ତଥା ଏବେ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଡିଅ।ଇଜି ଭାବେ କୋରାପୁଟରେ ଅବସ୍ଥାପିତ ଚରଣ ସିଂହ ମୀନାଙ୍କୁ ଡିଅ।ଇଜି ସିଅ।ର ଭାବେ କଟକକୁ ବଦଳି କରାଯାଇଛି।କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦ ବ୍ୟାଚ୍‌ର ଅ।ଇପିଏସ୍ ଅଫିସର ପାରୁଲ ଗୁପ୍ତାଙ୍କୁ ଡିଅ।ଇଜି କମ୍ପ୍ୟୁଟର ଭାବେ ଦାୟିତ୍ୱ ଦିଆଯାଇଛି।

ଆଦିବାସୀ ବସ୍ତିରେ ମଧ୍ୟାହ୍ନ ଭୋଜନ କଲେ ମୁଖ୍ୟମନ୍ତ୍ରୀ

ଧର୍ମଶାଳା,୨୯।୯((ମହାଭାରତ): ମନ କି ବାତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସି ଆଦିବାସୀ ବସ୍ତିରେ ମଧ୍ୟାହ୍ନ ଭୋଜନ କଲେ ମୁଖ୍ୟମନ୍ତ୍ରୀ। ବଡ଼ଚଣା ବ୍ଲକ ସମିଆ ପଂଚାୟତ ଜବାସୋଳ ଗ୍ରାମର ଆଦିବାସୀ ବ୍ୟକ୍ତି ଜଗୁ ସିଂ ଜାମୁଡ଼ାଙ୍କ ଘରେ ପହଂଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଢୋଲ ମାଦଳ ଓ ନାଚଗୀତର ତାଳେତାଳେ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ ଜଗୁ ସିଂଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ। ବିଭିନ୍ନ ପ୍ରକାର ଘରୋଇ ବ୍ୟଞ୍ଜନରେ ମୁଖ୍ୟମନ୍ତ୍ରୀଙ୍କୁ ଆପ୍ୟାୟିତ କରିଥିଲେ ଏହି ପରିବାର।

ଆଦିବାସୀ ବସ୍ତିକୁ ମୁଖ୍ୟମନ୍ତ୍ରୀ ଆସିବା ଖବର ପାଇ ଖୁସିରେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ସମିଆ ପଂଚାୟତ ଜବାସୋଳ ଗ୍ରାମବାସୀ। ଗ୍ରାମର ଆଦିବାସୀ ବ୍ୟକ୍ତି ଜଗୁ ସିଂ ଜାମୁଡ଼ାଙ୍କ ଘରେ ଚାଲିଥିଲା ଜୋରଦାର ପ୍ରସ୍ତୁତି। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଘରେ ଝୋଟି ଚିତା ପକାଇବା ସହ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ମଧ୍ୟାହ୍ନ ଭୋଜନ ପାଇ ଉଷୁନା ଭାତ, ଡାଲି, ବଢ଼ି ଚୁରା, ଆଳୁ ଭର୍ତ୍ତା, ଗୋଟା ପୋଟଳ, କଲରା, ସଜନା ଶାଗ, ସାଲାଡ଼ ପାମ୍ପଡ ସହ ଆମିଷରେ ପତ୍ରପୋଡା ମାଂସ, ଦେଶୀ କୁକୁଡ଼ା ମାଂସ ତରକାରୀ ଭଳି ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ମନ କି ବାତ କାର୍ଯ୍ୟକ୍ରମ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପହଂଚିଥିଲେ ଏହି ଆଦିବାସୀ ବସ୍ତିରେ ।

ପ୍ରଥମେ ମୁଖ୍ୟମନ୍ତ୍ରୀ ଆଦିବାସୀ ବସ୍ତିରେ ଚାରା ରୋପଣ କରିଥିଲେ। ଏହା ପରେ ଗୋଷ୍ଠୀ ମହିଳା ମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମହିଳା ମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଜଗୁ ସିଂ ଜାମୁଡ଼ାଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ। ଶାଳ ପତ୍ରରେ ସମସ୍ତ ବ୍ୟଞ୍ଜନ ପରସା ଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ପରିବାର ଓ ଗ୍ରାମବାସୀଙ୍କ ସହ ଗ୍ରୁପ ଫଟୋ ଉଠାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରଭୁ ଜଗନ୍ନାଥଙ୍କ ତୈଳ

ଡାଲି କଟ୍‌ଲେଟ

ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ବ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।
ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଢ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

..... ଖବର .....

ଏଥର ପୂଜାରେ ଚାରି

ଓଡ଼ିଆ ସିନେମାର ପୂଜା ବଜାର ଧୀରେ ଧୀରେ ଜମିଆସିଲାଣି। ଏଥର ୪ଟି ଓଡ଼ିଆ ଛବି ମୁକ୍‌ତିଲାଭ କରିବାର ସୂଚନା ରହିଛି। ଏବର୍ଷ ଦଶହରାରେ ଅନୁଭବ ମହାନ୍ତିଙ୍କ ଅଭିନୀତ 'କର୍ମ' ରିଲିଜ୍ ହେଉଥିବା ବେଳେ ସମସ୍ତଙ୍କ ନଜର ରହିଛି ଏହି ସିନେମା ଉପରେ। ଆଉ ଅନ୍ୟ ତିନି ସିନେମାକୁ ବି ନଜରଅନ୍ଦାଜ କରାଯାଇ ନପାରେ। ଦଶହରାରେ ମୁକ୍‌ତିଲାଭ କରିବାକୁ ଯାଉଥିବା ଓଡ଼ିଆ ସିନେମା 'କର୍ମ'ର ଟାଇଟଲ୍ ଘୋଷଣା ହେବା ଦିନଠାରୁ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଅମୀୟ ପଟ୍ଟନାୟକ ପ୍ରଡକସନ୍ ବ୍ୟାନରେ ନିର୍ମିତ ଏହି ଓଡ଼ିଆ ଛବିର ପ୍ରଯୋଜନା କରିଛନ୍ତି ବର୍ଷା ପଟ୍ଟନାୟକ ଓ ଅନୁପମ ପଟ୍ଟନାୟକ। 'ପ୍ରତୀକ୍ଷା' ପାଇଁ ରାଷ୍ଟ୍ରୀୟ ପୁରସ୍କାର ଜିଣିଥିବା ଅନୁପମ ପଟ୍ଟନାୟକ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ 'କର୍ମ'ରେ ମୁଖ୍ୟ ଭୂମିକାରେ ଅଛନ୍ତି ଅନୁଭବ ମହାନ୍ତି। ସେ ପୁଲିସର ସ୍ପେସାଲ୍ ଟାସ୍କ୍ ଅଫିସର୍ ଅମର ପଟ୍ଟନାୟକ ଚରିତ୍ରରେ ଅଭିନୟ କରିଥିବା ବେଳେ ସୂର୍ଯ୍ୟମୟୀ ତାଙ୍କ ପତ୍ନୀ ଭୂମିକା ନିଭାଇଛନ୍ତି। ୨୦୨୪ ପୂଜା ବଜାରକୁ ଆସୁଛି ନାରୀକେନ୍ଦ୍ରିକ କାହାଣୀ ଆଧାରିତ 'ଦୁର୍ଗା'ୟ ଯୁବ ପ୍ରଯୋଜକ କୁମାର ପ୍ରୀତମ୍ ସାହୁଙ୍କର ଏହା ପ□ମ ସିନେମାୟ ତାପସ ସରଘରିଆ ଏହାର କାହାଣୀ ଓ ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିବା ବେଳେ ସୁରେଶ ପଟ୍ଟନାୟକ ଫିଲ୍ମର ଚିତ୍ରନାଟ୍ୟ ରଚନା କରିଛନ୍ତିୟ 'ଦୁର୍ଗା'ର ସଂଳାପ ଲେଖିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆୟ ଡକ୍ଟର ନିର୍ମଳ ନାୟକଙ୍କ ଗୀତକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମ୍‌ଦାରୟ 'ଦୁର୍ଗା'ର ମୁଖ୍ୟ କଳାକାରମାନେ ହେଲେ ପୁନମ୍ ମିଶ୍ର, ରାଜ ରାକେଶ, ଅଭିଷେକ ଗିରି, ସରୋଜ ପରିଡ଼ା, ହରି, ପୃଥ୍ୱୀରାଜ ନାୟକ, ଶକ୍‌ତି ବରାଳ, ପୁଷ୍ପା ପଣ୍ଡା ଓ ବଲିଉଡ୍ ନାୟିକା ଇଶା ତଲୱାର୍। ଆଦିଲକ୍ଷ୍ମୀ ଏ□ଟେଣ୍ଟେ□ବ୍ୟାନରରେ ପ୍ରସ୍ତୁତ 'ଭିଲେନ୍' ବି ଦଶହରାର ଅନ୍ୟତମ ଆକର୍ଷଣ ହୋଇପାରେ। ଆଦିକନ୍ଦ ସାହୁଙ୍କ ପ୍ରଯୋଜିତ 'ଭିଲେନ୍'ର ନିର୍ଦ୍ଦେଶକ ହେଲେ କେ. ମୁରଲୀକ୍ରିଷ୍ଣା। ଆକ୍ସନ୍ରେ ଭରପୂର ଏହି ବଡ଼ ବଜେଟ୍ର ଛବିରେ ଅର୍ଦ୍ଧେନ୍ଦୁଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଛନ୍ତି ତମନ୍ନା। କୁହୁ ସିନେଫ୍ଲିକ୍ସ ଓ ଭଦ୍ର ମୋସନ୍ ଷ୍ଟୁଡିଓର ମିଳିତ ଉଦ୍ୟମରେ ପ୍ରସ୍ତୁତ ଓଡ଼ିଆ ଛବି 'ଖୋକା ଭାଇ ତମ ପାଇଁ' ବି ଦଶହରାର ଅନ୍ୟତମ ଆକର୍ଷଣ ହେବ ବୋଲି କୁହାଯାଉଛି। ଜଣାଶୁଣା କୋରିଓଗ୍ରାଫର୍ ଗିରିଶ ମହାନ୍ତି ଏହି ଫିଲ୍ମର ନିର୍ଦ୍ଦେଶକ। ଭରଦ୍ୱାଜ ପଣ୍ଡା ଓ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପୁତ୍ର ମିତ୍ରଭାନୁ ମହାନ୍ତି ଏହାର କାହାଣୀ ରଚନା କରିଛନ୍ତି। ଏଥିରେ ନାୟକ ଭୂମିକାରେ ସ୍ୱରାଜ ଓ ନାୟିକା ଭାବେ ଲକି ମନୀଷାଙ୍କୁ ଦେଖିବାକୁ ମିଳିବ।

ଉପକାରୀ ବରକୋଳି

ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।

ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।

ହଜମ ଶକ୍ତି ବଢାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।

ବରକୋଳିର ଆଚାର ମଧ୍ୟ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।

ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।

ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

ତୁଳସୀଙ୍କ କଥା

ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା । ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା । ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ । ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ । ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ । ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ । ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା । ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ । ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।

ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାଙ୍କୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

ଘରେ ରଖନ୍ତୁ ମାଠିଆ ବା ସୁରେଇ

ପୂର୍ବରୁ ଲୋକେ ଘରେ ମାଟିରେ ତିଆରି ମାଠିଆରେ ପାଣି ରଖି ପିଉଥିଲେ। ଆଗରୁ ପ୍ରତ୍ୟେକ ଲୋକଙ୍କ ଘରେ ମାଠିଆ ଦେଖିବାକୁ ମିଳୁଥିଲା। ବିଶେଷକରି ଗ୍ରୀଷ୍ମ ଦିନରେ

ଲୋକେ ମାଠିଆ ପାଣି ପିଇବାକୁ ଭଲ ପାଆନ୍ତି। ଏହା କେବଳ ପାଣିକୁ ପ୍ରାକୃତିକ ଭାବେ ଥଣ୍ଡା କରେନି ବରଂ ଏହାର ସ୍ୱାସ୍ଥ୍ୟଗତ ଗୁଣ ମଧ୍ୟ ରହିଛି। ମାଠିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର।

ମାଟିରେ ତିଆରି ମାଠିଆ ଜୀବନରେ ଖୁସି ଆଣିବାରେ ମଧ୍ୟ ମହତ୍ୱପୂର୍ଣ୍ଣ। ମାଠିଆକୁ ଗୁଡ଼ ଲକ ବୋଲି ମଧ୍ୟ କୁହାଯାଏ। ମାଠିଆ ସହ ସମ୍ବନ୍ଧିତ କିଛି ଉପାୟ ସମ୍ପର୍କରେ ଜାଣନ୍ତୁ ଯାହା ଆପଣଙ୍କ ଜୀବନରେ ଖୁସି ଭରିବା ସହ ଚିନ୍ତାରୁ ମୁକ୍ତ କରିଦେବ।

୧. ସବୁବେଳେ ମାଠିଆ ଭର୍ତ୍ତି କରି ରଖିବେ : ମାଠିଆ କେବେ ବି ଖାଲି ରଖିବେନି, ସବୁବେଳେ ଭର୍ତ୍ତି କରି ରଖିବେ। ମାଟି ସୁରେଇ କିମ୍ବା ମାଠିଆରେ ସବୁବେଳେ ପାଣି ରଖିବା ଉଚିତ। ମାଠିଆରେ ପାଣି ଭରି ରଖିବା ଶୁଭ ହୋଇଥାଏ।

୨. ଉତ୍ତର ଦିଗରେ ରଖିବେ : ବାସ୍ତୁଶାସ୍ତ୍ରରେ ମାଟି ତିଆରି ମାଠିଆର ଅନେକ ମହତ୍ୱ ରହିଛି। ବାସ୍ତୁଶାସ୍ତ୍ର ଅନୁସାରେ ମାଠିଆ କିମ୍ବା ସୁରେଇ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ। ଏହା ଉତ୍ତମ ଫଳ ପ୍ରଦାନ କରିଥାଏ। ଉତ୍ତର ଦିଗରେ ଜଳ ଦେବତା ବରୁଣ ବାସ କରନ୍ତି।

ଗ୍ରାମୀଣ ଭାରତର ବାଳିକାମାନଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ପଂଛି

ଭୁବନେଶ୍ୱର,୨୯।୯ (ମହାଭାରତ): ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଆନ୍ତର୍ଜାତିକ କନ୍ୟା ଦିବସରେ ଏହାର ପରିବର୍ତନଶୀଳ ପଦକ୍ଷେପ ପ୍ରୋଜେକ୍ଟ ପଂଛିର ସଫଳତାକୁ ଆଲୋକିତ କରି ଆନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରିଛି। ବେଦାନ୍ତର ଚେୟାରମ୍ୟାନ ଅନୀଲ ଅଗ୍ରୱାଲଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱରେ ଅଭିନବ ନିଯୁକ୍ତି ଡ୍ରାଇଭ ସାରା ଭାରତରେ ଆର୍ଥିକ ଅନଗ୍ରସର ଗୋଷ୍ଠୀର ୧୦୦୦ଯୁବକ-ଯୁବତୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ମାର୍ଚ୍ଚ ୨୦୨୩ ରେ ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପ ବେଦାନ୍ତ ଆଲୁମିନିୟମ ଓଡ଼ିଶା ଓ ଛତିଶଗଡର ଗ୍ରାମାଂଚଳରୁ ଓପିଏସ ଜିନ୍ଦଲ ବିଶ୍ୱବିଦ୍ୟାଳୟର ବି.କମ, ବିବିଏ, ବି.ଏସସି ଏବଂ ବି.ଟେକ ପାସ କରିଥିବା ୧୯୦ ବାଳିକାଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି। ବାଳିକା ମାନଙ୍କ ମଧ୍ୟରେ ଆତ୍ମନିର୍ଭରଶଳୀଳତା ବୃଦ୍ଧି ଓ ସ୍ୱାଧୀନତା ପ୍ରଦାନ ଲକ୍ଷ୍ୟରେ ପ୍ରୋତ୍ସାହିତ କରିବା ଲାଗି ପ୍ରୋଜେକ୍ଟ ପଂଛି କାର୍ଯ୍ୟ କରୁଛି। ଅନଗ୍ରସର ଅଂଚଳର ଝିଅମାନେ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଏହା ସମାଧାନ କରିଥାଏ। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ଯୋଗାଇବାରେ ଏହି ପ୍ରକଳ୍ପ ସେମାନଙ୍କ ନିଯୁକ୍ତି ଟାର୍ଗେଟକୁ ଧ୍ୟାନ ଦେଇଥାଏ। ଆର୍ଥିକ ଓ ସମାଜିକ ପ୍ରତିବନ୍ଧକରୁ ସେମାନଙ୍କୁ ମୁକ୍ତ କରି ସେମାନଙ୍କୁ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ କରିବା ତଥା ସଫଳତା ପାଇଁ ବେଦାନ୍ତ ଆଲୁମନିୟମ କାର୍ଯ୍ୟ କରୁଛି। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ, ସୁନୀଲ ଗୁପ୍ତା ମତ ଦେଇ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ପରିବର୍ତନଶୀଳ ପରିବର୍ତନ ଲାଗି ଅନୁକ୍ରମଣିକା ଭାବରେ ବାଳିକାଙ୍କ ଶିକ୍ଷା ଓ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ। ଆମର ଲକ୍ଷ୍ୟ କେବଳ ବାଳିକାମାନଙ୍କୁ ସଶକ୍ତ କରିବା ନୁହେଁ ବରଂ ସେମାନଙ୍କ ପାଇଁ ରହିଥିବା ସାମାଜିକ ପ୍ରତିବନ୍ଧକ ଦୂର କରି ସେମାନଙ୍କ ଭବିଷ୍ୟତକୁ ସୁଗମ କରିବା। ଯେହେତୁ ଆମେ ସବୁ କର୍ମପରିସରରେ ୩୦% ମହିଳାମାନଙ୍କୁ ପ୍ରାଧାନ୍ୟ ଦେବା ଲକ୍ଷ୍ୟ ରଖିଛୁ ଓ ୨୦୩୦ ସୁଦ୍ଧା ଆମର ଏହି ଲକ୍ଷ୍ୟ ପୂରଣ କରିବାକୁ ଚାହୁଁଛୁ। ଲକ୍ଷ୍ମୀ ପ୍ରଧାନ, ଜଣେ ପ୍ରୋଜେକ୍ଟ ପଂଛିର ପ୍ରାର୍ଥୀ କହିଛନ୍ତି ଯେ ଏହି ପ୍ରକଳ୍ପ ସହିତ ଗତ ଛଅମାସ ଧରି ସାମିଲ ହୋଇ ମୁଁ କେବଳ ମୋର ଶିକ୍ଷାଗତ ଜ୍ଞାନ ବୃଦ୍ଧି କରିନାହିଁ ବରଂ ଆଗକୁ ବଢିବା ପାଇଁ ପ୍ରେରଣା ପାଇପାରିଛି। ମୋ ପରିବାରର ବଡ଼ ଝିଅ ଭାବରେ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ମୋର ଆଶା ରହିଛି। ଜଣେ ଅଭିଭାବକ ବେଣୁ ମେହେର କହିଛନ୍ତି ଯେ ପ୍ରକଳ୍ପ ପଂଛ ଏକ ମହତ ପଦକ୍ଷେପ। ଏହା ଆମ ଝିଅମାନଙ୍କୁ ପ୍ରଚୁର ପ୍ରେରଣା ଦେଉଛି। ଏଥିପାଇଁ ମୁଁ ବେଦାନ୍ତକୁ ମୋର କୃତଜ୍ଞତା ଜଣାଉଛି। ଏହା ବ୍ୟତୀତ ବେଦାନ୍ତ ଆଲୁମିନିୟମ କଲେଜ ବାହାରେ ଯୁବତୀମାନଙ୍କ ଲାଗି ଏକ ନିରାପଦ ଓ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ କ୍ଷେତ୍ର ପ୍ରସ୍ତୁତ କରିବାକୁ ଉତ୍ସର୍ଗୀକୃତ। ମହିଳାମାନଙ୍କ ପାଇଁ ସବୁ ପ୍ରକାର ସୁରକ୍ଷା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆଗାମୀ ୨୦୩୦ ସୁଧା ୩୦% ମହିଳାଙ୍କୁ କର୍ମକ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ ଲାଗି କମ୍ପାନି ଲକ୍ଷ୍ୟ ରଖିଛି। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୪ ରେ ୨.୩୭ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମ ଏସଆଣ୍ଡପି ଗ୍ଲୋବାଲ କର୍ପୋରେଟ ସସଟାନବିଲିଟି ଆସସମେଂଟ ୨୦୨୩ରେ ଆଲୁମିନିୟମ ଉଦ୍ୟୋଗ ପାଇଁ ପ୍ରଥମ ର୍ୟାଙ୍କ ଧାରୀ ଆଖ୍ୟା ଅର୍ଜନ କରିଛି ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା। ବେଦାନ୍ତର ବିଶ୍ୱ ଶ୍ରେଣୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନିୟମ ରିଫାଇନାରୀ ଓ ପାୱାରପ୍ଲାଂଟର ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଂଜିନିୟରିଂ ଶକ୍ତିକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ ପ୍ରତିଯୋଗିତା

ସିମୁଳିଆ,୨୯।୯ (ମହାଭାରତ): ପିଲାମାନଙ୍କ ମଧ୍ୟରେ ଗଣିତ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ବିଜୁ ପଟ୍ଟନାୟକ କ୍ରୀଡାଙ୍ଗନ କକ୍ଷ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ଯୁବନେତା ଡ. ଅଶୁମାଧବ ପଣ୍ଡା ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡା, ବିଦ୍ୟାଧର ମହାଳିକ, ମାର୍କୋଣା ସି.ଆର.ସି.ସି ରତ୍ନାକର ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକର ୧୬୧ଟି ବିଦ୍ୟାଳୟରୁ ୨୬୩ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତି ବିଭାଗରୁ ତିନି ଜଣ କରି ୯ଜଣ ପ୍ରତିଯୋଗୀଙ୍କୁ କୁଇଜ ପୁସ୍ତିକା, ମାନପତ୍ର ଓ କପ ପ୍ରଦାନ କରାଯାଇଥିଲା।

କ୍ଲଷ୍ଟରସ୍ତରୀୟ ସୁରଭି ଶିଶୁ ମହୋତ୍ସବ

କଣ୍ଟାବାଞ୍ଜି,୨୯।୯ (ମହାଭାରତ): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ ମାକରଚୁଆ କ୍ଲଷ୍ଟର ବାପୁଜି ଉଚ୍ଚ ବିଦ୍ୟାଳୟ ସରଗୁଲ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ଶିଶୁ ମୋହସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଉକ୍ତ କଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରିତା ଭଦ୍ରା ସରପଂଚ ଜରୁଆମୁଣ୍ଡା,ମୁଖ୍ୟ ବକ୍ତା ଗଜୟ ଦାସ ସିଆରସିସି ମାକାରଚୁଆ, ସଭାପତି ଭାବେ ଲଖମନ ସାହୁ ପ୍ରଧାନ ଶିକ୍ଷକ ବାପୁଜି ଉଚ୍ଚ ବିଦ୍ୟାଳୟ ସରଗୁଲ,ମଞ୍ଚ ପରିଚାଳନା ମଧୁସୂଦନ ବାଗ,ସମ୍ମାନନୀୟ ଅତିଥି ରଘୁମଣି ଭୋଇ ପ୍ରଧାନ ଶିକ୍ଷକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରଗୁଲ,ଗଣେଶ୍ୱର ମାଝୀ ନାଏବ ସରପଞ୍ଚ କରୁଆ ମୁଣ୍ଡା, ଓଁକାର ମାଝୀ ଏସଏମସି ସଭାପତି ସରଗୁଲ, ମାକାରଚୁଆ କ୍ଲଷ୍ଟର ର ଅନ୍ୟ ଶିକ୍ଷକ ମାନେ ବିଘେଁଶ୍ୱର ବଉକ,ସୁଖମଣି ରଣା, ନିଳକାନ୍ତ ରଣା, ଅକୁର ବେହେରା, ମହେଶ୍ୱର ଦେଓ,ସୁବଳ ରଣା, ଥବିର ବଉକ ପ୍ରମୁଖ ଉପସ୍ଥିତ ଥିଲେ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ଼ ଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ।

ପୁରୁଷ ଜୁଏଲାରୀ ସଂଜ୍ଞା ପୁନଃ ନିର୍ଦ୍ଧାରଣ କରୁଛି

ଭୁବନେଶ୍ୱର,୨୯।୯ (ମହାଭାରତ): ପ୍ଲାଟିନମ ଗିଲ୍ଡ ଇଣ୍ଟରନ୍ୟାସନାଲ (ପିଜିଆଇ) ଇଣ୍ଡିଆର ମେନ୍ ଅଫ ପ୍ଲାଟିନମ୍ ଏମଏସ୍ ଧୋନି ସିଗ୍ନେଚର କଲେକ୍ସନ ପ୍ରଚଳନ କରିଛି, ଯାହା କ୍ରିକେଟ ଜଗତର କିମ୍ବଦନ୍ତୀ ଏମଏସ ଧୋନିଙ୍କ ପ୍ରେରଣାଦାୟୀ ମୂଲ୍ୟବୋଧକୁ ଶାଶ୍ୱତ କରୁଛି। ଏହି ସ୍ୱତନ୍ତ୍ର କଲେକ୍ସନରେ ଭରପୂର ଡିଜାଇନ ରହିଛି, ଯାହା ଧୋନିଙ୍କର ଅନନ୍ୟ ଷ୍ଟାଇଲ ଏବଂ ଚମତ୍କାର ଯାତ୍ରାକୁ ପ୍ରତିଫଳିତ କରିବା ସହିତ ତାଙ୍କର ଅତୁଳନୀୟ ବ୍ୟକ୍ତିତ୍ୱ ଓ ମହାନତାକୁ ପ୍ରତିପାଦିତ କରୁଛି। ବିରଳ ପ୍ଲାଟିନମ୍‌ରେ ପ୍ରସ୍ତୁତ ଏବଂ ତାଙ୍କର ଅଦମ୍ୟ ଉତ୍ସାହରେ ସନ୍ନିବେଶିତ ଏହି କଲେକ୍ସନର ପ୍ରତ୍ୟେକଟି ପିସ୍ ଏମଏସ୍ ଧୋନିଙ୍କର ଚିରସ୍ଥାୟୀ ପରମ୍ପରା ପ୍ରତି ଏକ ସମ୍ମାନ ପ୍ରଦର୍ଶନ କରୁଛି। ଏକାଗ୍ରତା, ଆତ୍ମ-ବିଶ୍ୱାସ, ସାହସ, ମାନବିକତା, ମାନସିକ ସନ୍ତୁଳନ ଆଦି ଯେଉଁସବୁ ଗୁଣ ନିମନ୍ତେ ଧୋନି ପରିଚିତ ସେହିସବୁ ଗୁଣ ସମ୍ପର୍କରେ ପ୍ରତ୍ୟେକଟ ପସ୍ ବର୍ଣ୍ଣନା କରୁଛ। ଏହି ଧରଣର ସୀମିତ ପ୍ଲାଟିନମ ଗହଣା କଲେକ୍ସନ ନିମନ୍ତେ ଉପଯୁକ୍ତ ପ୍ରେରଣା।

ବିଶ୍ୱ ହୃଦୟ ଦିବସରେ ସନସାଇନ୍ ହସ୍ପିଟାଲ ପକ୍ଷରୁ ୱାକାଥନ

ଭୁବନେଶ୍ୱର,୨୯।୯ (ମହାଭାରତ): ଭୁବନେଶ୍ୱରର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ସନସାଇନ୍ ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃଦୟ ଦିବସ ଅବସରରେ ଲକ୍ଷ୍ମୀ ସାଗର ମେଳଣ ପଡ଼ିଆଠାରୁ ସନସାଇନ୍ ହସ୍ପିଟାଲ ପରିସର ପର୍ଯ୍ୟନ୍ତ ଏକ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ହୃଦ୍ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ହୃଦୟ-ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା । ହୃଦ୍ ରୋଗ ଏବଂ ହୃଦ୍ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃଦୟ ଦିବସ ଭାବେ ପାଳନ କରାଯାଏ । ସନସାଇନ୍ ହସ୍ପିଟାଲ ଭୁବନେଶ୍ୱରର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ, ଯାହା କାର୍ଡିଓଲୋଜି, ନ୍ୟୁରୋଲୋଜି ଏବଂ କ୍ରିଟିକାଲ କେୟାର ଭଳି ସ୍ପେଶାଲିଟିରେ ଉନ୍ନତ ଚିକିତ୍ସା ସୁବିଧା ଏବଂ ବିଶେଷଜ୍ଞ ସେବା ପାଇଁ ପ୍ରସିଦ୍ଧ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମାନ୍ୟବର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। ତାଙ୍କ ସହ ପରାମର୍ଶଦାତା ହୃଦ୍ ରୋଗ ବିଶେଷଜ୍ଞ ଡାକ୍ତର ରିତେଶ ଆଚାର୍ଯ୍ୟଙ୍କ ସମେତ ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞମାନେ ଯୋଗ ଦେଇଥିଲେ। କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀର ପରାମର୍ଶଦାତା ଡାକ୍ତର ସ୍ୱେତଙ୍କ ଦାସ; ସନସାଇନ୍ ହସ୍ପିଟାଲର ସିଇଓ ଡ. ଆଲୋକ ଲୋଧ ଏବଂ ସନସାଇନ୍ ହସ୍ପିଟାଲର ନିର୍ଦ୍ଦେଶକ ଡ. ଆୟଶକାନ୍ତ ମହାନ୍ତି। ବ୍ରେନ୍ ଆଣ୍ଡ ସ୍ପାଇନ୍ ସର୍ଜରୀର ମୁଖ୍ୟ ପରାମର୍ଶଦାତା ବ୍ରିଗେଡିୟର (ପ୍ରଫେସର) ଡାକ୍ତର ପିକେ ସାହୁ, ଡିଜିଏମ୍ ଗ୍ରୋଥ ଆଣ୍ଡ ଡେଭଲପମେଟ୍ ସନ୍ଦୀପ ପୃଷ୍ଟି ଓ ଜିଏମ୍ ଅପରେସନ୍ ଜଗତ ଜୀବନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଏମ୍ ପ୍ରଶାସନ କର୍ଣ୍ଣେଲ ତ୍ରିଲୋଚନ ଦାସ ପରିଚାଳନା କରିଥିଲେ।

ସନସାଇନ୍ ହସ୍ପିଟାଲର ବ୍ରେନ୍ ଆଣ୍ଡ ସ୍ପାଇନ୍ ସର୍ଜରୀର ମୁଖ୍ୟ ପରାମର୍ଶଦାତା ବ୍ରିଗେଡିୟର (ପ୍ରଫେସର) ଡାକ୍ତର ପିକେ ସାହୁ, କାର୍ଯ୍ୟକ୍ରମର ମହତ୍ୱ ଉପରେ ଆଲୋକପାତ କରି କହିଲେ, "ହୃଦ୍ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପାଇଁ ଏହି ୱାକାଥନ୍ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଚକ। ଜୀବନଶୈଳୀରେ ସାମାନ୍ୟ ପରିବର୍ତନ ହୃଦ୍ ରୋଗର ଆଶଙ୍କାକୁ ଆଶଚର୍ଯ୍ୟ ଭାବରେ ହ୍ରାସ କରିପାରେ ଏବଂ ସନ୍ସାଇନ୍ ହସ୍ପିଟାଲରେ ଆମେ ଏହି ଜୀବନ ରକ୍ଷାକାରୀ ଅଭ୍ୟାସ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ସର୍ବୋତମ ଯତ୍ନ ପ୍ରଦାନ କରିବାକୁ ଉତ୍ସର୍ଗୀକୃତ ରହିଛୁ।"

ହରଭଙ୍ଗାରେ ବିଜେଡିର ସାଙ୍ଗଠନିକ ବୈଠକ

ହରଭଙ୍ଗା,୨୯।୯ (ମହାଭାରତ): ହରଭଙ୍ଗା ବ୍ଲକ ପୁରୁଣାକଟକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଜୁ ଜନତା ଦଳ ହରଭଙ୍ଗା ବ୍ଲକ ସାଙ୍ଗଠନିକ ବୈଠକ ବରିଷ୍ଠ ଓକିଲ ରବିଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ, ବୌଦ୍ଧ ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ ଜିଲ୍ଲାକାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ, ବିସିସିବି ସଭାପତି ଅରୁଣ କୁମାର ପ୍ରଧାନ, ସୀତାରାମ ଅଗ୍ରୱାଲ, ଯୁବନେତା ଅବକାଶ ସାହୁ ପ୍ରମୁଖ ବକ୍ତବ୍ୟ ରଖି ବ୍ଲକ ଠାରୁ ଆରମ୍ଭ କରି ଲାଇନ ଡିପାର୍ଟମେଣ୍ଟ ସବୁଠି ପିସି ନଦେଲେ ଫାଇଲ ଘୁଞ୍ଚୁନି, ସ୍ୱାସ୍ଥ୍ୟସେବା ଶିକ୍ଷା ବ୍ୟବସ୍ଥା ସବୁକିଛି ବିପର୍ଯ୍ୟସ୍ତ, ସୁଭଦ୍ରା ଯୋଜନା ନାଁରେ ମହିଳାଙ୍କୁ ଠକିବା ବୋଲି କହିବା ସହ ସରକାରଙ୍କ ଉପରେ ବର୍ଷିଛନ୍ତି। ଏ ଯାବତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ଯୋଗାଇବାରେ ଅସମର୍ଥ, ମାଗଣାରେ ୩ଶହ ୟୁନିଟ ବିଜୁଳି ଆଦି ବିଭିନ୍ନ ଦାବି ଏଯାଏଁ ପୂରଣ ନହୋଇଥିବାରୁ ଏହାର ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ବ୍ୟାପୀ ପଦଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ହରଭଙ୍ଗା ବ୍ଲକରେ ଆସନ୍ତା ଅକ୍ଟୋବର ୦୭ ତାରିଖ ତିଲେଶ୍ୱର ଠାରୁ ପୁରୁଣାକଟକ ଦେଇ ଚାରିଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିବିକ୍ରମ ମହାକୁଡ଼ ସୁଶାନ୍ତ ପ୍ରଧାନ, ସରପଞ୍ଚ ଅଶୋକ ସେଠି, ଶ୍ରୀବନ୍ତ ମେହେର,ନିହାର ଘୋଷ ନିକୁଞ୍ଜ ବେହେରା, ଅଶୋକ ମେଣ୍ଢୁଳି ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କହଁର ଜ୍ୟୋତିରଞ୍ଜନ ସାହୁ, ସଞ୍ଜୟ ଦେହୁରୀ, ପ୍ରଦୀପ କୁମାର ସାହୁ ସୁଶୀଲ ଦେହୁରୀ ଜ୍ୟୋତିର୍ମୟ ଦାସ, ପୂର୍ବତନ ଜିଲ୍ଲାପରିଷଦ ଉପାଧକ୍ଷ ଅକ୍ରୁର ସେଠି, ପୂର୍ବତନ ବ୍ଲକ ଉପାଧକ୍ଷ ପଙ୍କଜ ସାହୁ, ସଂଜିତ ବାରିକ ରଜତ ଦାସ ପ୍ରମୁଖଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ କର୍ମୀ ବୈଠକରେ ଯୋଗ ଦେଇଥିଲେ।

ଟୟୋଟା ପକ୍ଷରୁ ପରିବେଶ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର,୨୯।୯ (ମହାଭାରତ): ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ ପାଳନ କରି ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ପରିବେଶ ସ୍ଥିରତା ପାଇଁ ଦୀର୍ଘ ଦିନର ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରିଛି। ବର୍ଷ ବର୍ଷ ଧରି, ଟିକେଏମ ସଚେତନ ଭାବରେ ସ୍ଥାୟୀ ବ୍ୟବସାୟ ଅଭ୍ୟାସ ଗ୍ରହଣ କରିଛି ଏବଂ ଏକ କାର ନିର୍ମାତାରୁ ଏକ ମୋବିଲିଟି କମ୍ପାନୀରେ ପରିଣତ ହୋଇଛି। 'ଗ୍ରହକୁ ସମ୍ମାନ' ନୀତି ସହିତ ଟୟୋଟା ବିଶ୍ୱସ୍ତରରେ ଅକ୍ଟୋବର ୨୦୧୫ ରେ 'ଟୟୋଟା ପରିବେଶ ଚ୍ୟାଲେଞ୍ଜ ୨୦୫୦' (ଟିଇସି ୨୦୫୦) ଘୋଷଣା କରିଥିଲା, ଯେଉଁଥିରେ ୬ଟି ପରିବେଶ ଆହ୍ୱାନ ରହିଥିଲା। ୩ଟି ଆହ୍ୱାନର ପ୍ରଥମ ସେଟ ଆମର ଉତ୍ପାଦରୁ ଅଙ୍ଗାରକାମ୍ଳ ନିରପେକ୍ଷତା ଏବଂ ଉତ୍ପାଦନ କାର୍ଯ୍ୟକଳାପ ସହିତ ଏହାର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳା ଉପରେ ଧ୍ୟାନ ଦେଇଥାଏ। ପରବର୍ତୀ ୩ ଆହ୍ୱାନଗୁଡିକ ଏକ ନିଟ୍ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଟିଇସି ୨୦୫୦ ସହିତ ମିଳିତ ଭାବେ ଟିକେଏମର ବହୁମୁଖୀ ରଣନୀତି ଅଭିନବ ସମାଧାନ ପ୍ରଦାନ କରିବାରେ ଲାଗିଛି ଯାହା ଉତ୍ପାଦ ଏବଂ ସେବା ଅଫର ଠାରୁ ଅଧିକ। ସେସବୁ ମଧ୍ୟରେ ପ୍ରକୃତି ସଂରକ୍ଷଣ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ସଫଳତା ସହିତ (ଯଥା ବୃକ୍ଷରୋପଣ, ଦେଶୀୟ ଜୈବ ବିବିଧତା ଚାଷ ଇତ୍ୟାଦି), ଉତ୍ସ ଦକ୍ଷତା (ଜଳ, ସାମଗ୍ରୀ ଏବଂ ଶକ୍ତି ପରିଚାଳନା) ଏବଂ ଅଗ୍ରଗତିର ସାଇକେଲ ଚଳାଇବା ଏବଂ ପୁନଃ ବ୍ୟବହାର ପଦକ୍ଷେପ ଆଦି ରହିଛି।

କୃଷି ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ

ପିପିଲି,୨୯।୯ (ମହାଭାରତ): ଭୁବନେଶ୍ୱର ସ୍ଥିତ ଓୟୁଏଟି ଅଧିନ କୃଷି ମହାବିଦ୍ୟାଳୟ (କଲେଜ ଅଫ୍ ଏଗ୍ରିକଲ୍‌ଚର)ର ପ୍ରଥମ ବର୍ଷର ବିଏସ୍‌ସି ଛାତ୍ରଛାତ୍ରୀଙ୍କ ଦୁଇଦିନିଆ ଦିକ୍ଷାରମ୍ଭ କାର୍ଯ୍ୟକ୍ରମ ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ସ୍ଥିତ 'କଳିଙ୍ଗ ଛତୁ ଉଦ୍ୟୋଗ' ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳିଙ୍ଗ ଛତୁ ଉଦ୍ୟୋଗର ପ୍ରତିଷ୍ଠାତା ତଥା କୃ

ବର୍ଷ ବର୍ଷ ମାମଲାର ତଦନ୍ତ

୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାମଲା ସଂଖ୍ୟା ଅଧିକ ରହିବା ସ୍ୱାଭାବିକ । ଦ୍ୱିତୀୟରେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ । ଗୋଟିଏ ଗୋଟିଏ ମାମଲାର ତଦନ୍ତ ବର୍ଷ ବର୍ଷ ଧରି ଚାଲୁଛି । ହେଲେ ଦୋଷୀଙ୍କ ବିରୋଧରେ ଚାର୍ଜଫ୍ରେମ ପ୍ରସ୍ତୁତ ହୋଇପାରୁନାହିଁ । ତଦନ୍ତକାରୀ ଅଧିକାରୀ ବଦଳି ହୋଇ ଚାଲିଯାଉଛନ୍ତି, ଅବସର ନେଇଗଲେ ମଧ୍ୟ ତଦନ୍ତ ସରୁନାହିଁ । ଆଉ ଅନେକ କ୍ଷେତ୍ରରେ ଅଭିଯୁକ୍ତଙ୍କ ବିୟୋଗ ହୋଇଗଲେ ମଧ୍ୟ ମାମଲା ସରୁନାହିଁ । ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ । ଏଭଳି ଏକ ମାମଲା ହେଲା ୧୯୮୪ର ଶିଖ ବିରୋଧୀ ଦଙ୍ଗା । ଏଥିରେ ଜଣେ ପ୍ରମୁଖ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗଦୀଶ ଟାଇଟଲରଙ୍କ ବିରୋଧରେ ଚାର୍ଜଫ୍ରେମ ପ୍ରସ୍ତୁତ ଲାଗି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ବିରୋଧରେ ଅଭିଯୋଗର ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି । ଏହି ଘଟଣାକୁ ୪୦ ବର୍ଷ ବିତିଗଲାଣି । ତଥାପି ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ହୋଇନପାରିବା ଦୁର୍ଭାଗ୍ୟଜନକ । ୧୯୮୪ରେ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷୀ ଗୁଳି କରି ହତ୍ୟା କରିଥିଲେ । ସେ ଥିଲେ ଜଣେ ଶିଖ ଧର୍ମାବଲମ୍ବୀ । ତେଣୁ ଇନ୍ଦିରାଙ୍କ ହତ୍ୟା ପରେ ଦିଲ୍ଲୀରେ ଆରମ୍ଭ ହୋଇଥିଲା ଶିଖ ବିରୋଧୀ ଦଙ୍ଗା । ଶହ ଶହ ଶିଖ ଧର୍ମାବଲମ୍ବୀଙ୍କୁ ହତ୍ୟା କରାଯାଇଥିଲା । ଏଥିରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା । ତାଙ୍କ ବିରୋଧରେ ହତ୍ୟା, ହିଂସା ଏବଂ ଦଙ୍ଗା ଲାଗି ଉସୁକାଇବା, ଧର୍ମପୀଠ ଉପରେ ଆକ୍ରମଣ, ନିଆଁ ଲଗାଇବା, ଲୁଟ ଏବଂ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗ ଆସିଛି । ଦିଲ୍ଲୀର ଗୋଟିଏ ଗୁରୁଦ୍ୱାରା ଉପରେ କିଛି ଲୋକ ଆକ୍ରମଣ କରି ତିନିଜଣଙ୍କୁ ହତ୍ୟା କରିଥିଲେ । ହତ୍ୟାକାରୀମାନେ ଜଗଦୀଶ ଟାଇଟଲରଙ୍କ ନେତୃତ୍ୱରେ ଆସିଥିଲେ, ତାଙ୍କ ଇଙ୍ଗିତ ଏବଂ ନିର୍ଦ୍ଦେଶରେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ । ନିରୀହ ଲୋକଙ୍କୁ ହତ୍ୟା କରିଥିଲେ । ହାତରେ ସେମାନେ ତଲୱାର, ଲୁହାରଡ଼, ବାଡ଼ି, ପେଟ୍ରୋଲ ଆଦି ଧରି ସେମାନେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ । ଏଭଳି ଅନେକ ଘଟଣା ଘଟିଛି ଯେଉଁଥିରେ କଂଗ୍ରେସ କର୍ମୀମାନେ ସାମିଲ ଥିଲେ । ଏମାନଙ୍କର ନେତା ଥିଲେ ଜଗଦୀଶ ଟାଇଟଲର । ଆଉ ଜଣେ ନେତା ସଜ୍ଜନ କୁମାରଙ୍କ ବିରୋଧରେ ମଧ୍ୟ ଏଭଳି ଅଭିଯୋଗ ଆସିଥିଲା । ୪୦ ବର୍ଷ ଭିତରେ ଅନେକ ଅଭିଯୁକ୍ତ ମରିହଜି ଗଲେଣି । ଅନେକ ମୃତକଙ୍କ ପରିବାରରେ ତାଙ୍କ ଉତ୍ତରାଧିକାରୀମାନେ ମଧ୍ୟ ମରିଗଲେଣି । ଅନେକ ନ୍ୟାୟ ପାଇଁ ଅପେକ୍ଷା କରି କରି ହତାଶ ହୋଇଗଲେଣି । ମାମଲାର ୪୦ ବର୍ଷ ପରେ ବି ଯଦି ନ୍ୟାୟିକ ପ୍ରକ୍ରିୟା ଶେଷ ହୋଇପାରିଲାନି, ତେବେ ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ । ଏହାକୁ ଅନ୍ୟାୟର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରିବ । ବିଗତ ୪୦ ବର୍ଷ ଭିତରେ ଦେଶର ରାଜନୈତିକ ସ୍ତରରେ ଅନେକ ପରିବର୍ତ୍ତନ ହୋଇଗଲାଣି । ୪୦ ବର୍ଷ ଭିତରେ କଂଗ୍ରେସ ଅନେକ ବର୍ଷ ଧରି କ୍ଷମତାରେ ରହିଛି । ଅଭିଯୁକ୍ତମାନେ ମନ୍ତ୍ରୀ, ସାଂସଦ ହୋଇଛନ୍ତି । ତେଣୁ ମାମଲାକୁ ଚାପି ଦେବାକୁ ଭରପୁର ପ୍ରୟାସ କରାଯାଇଛି । ମାମଲା ଏବେ ବି ରହିଛି, କିନ୍ତୁ ଏହା ମୂଲ୍ୟହୀନ । ଯଦି ବା ଏବେ ତଳକୋର୍ଟରେ ମାମଲାର ଫଇସଲା ହୁଏ ଏବଂ ଅଭିଯୁକ୍ତ ଦଣ୍ଡିତ ହୁଅନ୍ତି ତେବେ ବି ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ । ଅଭିଯୁକ୍ତମାନେ ଏହା ବିରୋଧରେ ଉପରକୋର୍ଟକୁ ଯାଇପାରନ୍ତି ।

ସ୍ୱରୂପ ହରାଉଛି ଶିଷ୍ଟାଚାର

॥ ନିରୁପମା ଭୂୟାଁ ॥

;କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ୍ୟ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ ।

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ଏହା ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି । ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି । ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର । ସମ୍ପର୍କ ଏମିତି ଏକ ମାଧ୍ୟମ ଯାହା ଦ୍ୱାରା ଅନେକ ବାଟ ଯାଏ ଯାଇପାରେ ମଣିଷ । କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ । ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି । ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି । ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି । ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ । ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ ।

ଦେବ ପରମ୍ପରା ପ୍ରତୀକ : ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା । ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ । ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଉର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର । ଭାରତର ପରମ୍ପରାକୁ ରୁଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ । ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍ । ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ । ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ । ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉନଥିଲା ।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି । ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି । କାରଣଟି ଯେତିକି ବିଷମ ସେତିକି ପରିତାପକର । ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ । ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି । କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ । ଯିଏ ଯାହା ଇଚ୍ଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି । ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ ।

କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ୍ୟ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ । ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅର୍ବାଚୀନ ତଥା ଅସଂଗତ ମନେ ହେଉଛି । ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି । କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି । ପାଶ୍ଚାତ୍ୟ ପରମ୍ପରାରେ ଅନ୍ୟକୁ ସମ୍ମାନ ଜଣାଇବାକୁ ଯାଇ ହାତ ମିଳାଇବା, ହେଲୋ ହାଏ କହିବା ନ ହେଲେ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ପଡ଼ିଥାଏ । ଅନ୍ୟପକ୍ଷରେ ଆମ ପରମ୍ପରାରେ ସେସବୁ କେବଳ ନିଷିଦ୍ଧ ନୁହେଁ, ଅସାମାଜିକ ମଧ୍ୟ । କିନ୍ତୁ ଆମେ ତାହା ହିଁ କରୁଛେ ।

ପ୍ରଣାମର ପ୍ରାଣହାନି : ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ । ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ଷାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି । ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା । ଏହା କେବଳ ଶିଷ୍ଟାଚାର ନଥିଲା, ଏଥିରେ ଯୋଗାଭ୍ୟାସର ପ୍ରଚ୍ଛନ୍ନ ବିଧି ମଧ୍ୟ ଥିଲା । ଷାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା । ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା । କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି । ଏମିତିକି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ । ଅନେକେ ଏହାକୁ ଅସଙ୍ଗତ ବୋଲି ମଧ୍ୟ ମନେ କରୁଛନ୍ତି । ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତାର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି । ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି । ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରି ପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା । ଏବର ମଣିଷ ଜୀବନ ଏକ ମସ୍ତବଡ଼ ବିଷମ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି । ସାମାଜିକ ଜୀବନ ଶତପ୍ରତିଶତ ଭୂଲୁଣ୍ଠିତ । କେହି କାହା ପ୍ରତି ଦାୟ-ବୋଧ-ସମ୍ପନ୍ନ ନୁହନ୍ତି । କିନ୍ତୁ କେତେଦିନ ଏମିତି ନିଜ ଇଚ୍ଛାରେ ଚାଲୁଥିବ ମଣିଷ । ପ୍ରକୃତିର ନିୟମକୁ କରୁଥିବ ଉଲ୍ଲଂଘନ । ଏବେ ବି ବେଳ ଅଛି ମଣିଷ ସୁଧୁରି ଯାଇପାରେ । ଗୁରୁ ଗୁରୁଜନଙ୍କୁ ଭକ୍ତି, ପ୍ରକୃତିକୁ ସମ୍ମାନ ଆଦି ଦିବ୍ୟଗୁଣକୁ ଉଜ୍ଜୀବିତ କରି ପାରିଲେ ପୁଣିଥରେ ଦିବ୍ୟ ପରିବେଶ ସୃଷ୍ଟି ହେବ ଏ ପୃଥିବୀରେ - ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

ନାରୀର ସମ୍ମାନ ଓ ସୁରକ୍ଷା ଆମର ମୌଳିକ କର୍ତ୍ତବ୍ୟ

॥ ମୌଲାନା ଫଜଲ ହକ ଖାନ ॥

ବର୍ତମାନ ଆମ ପ୍ରଗତିଶୀଳ ସମାଜରେ ନାରୀର ଅବସ୍ଥା କାହା ପାଖେ ଲୁଚି ରହି ନାହିଁ । ଦୁଃଖର କଥା ଯେ ପାଶ୍ଚାତ୍ୟ ଜଗତର ଶିକ୍ଷା ଓ ସଂସ୍କୃତିକୁ ବୁଝିବାକୁ ଯାଇ,ଏବେ ଆମେ ସେହି ଜଗତର ମର୍ଯ୍ୟାଦାହୀନ ଓ ଅପମାନଜନକ ସଂସ୍କୃତିର ବଶବର୍ତ୍ତୀ ହୋଇ ଯାଇଛେ । ଯେଉଁଠି ନାରୀକୁ କମ ବସ୍ତ୍ରରେ ଦେଖିବା ଓ ଦେଖାଇବା ବେଶ ସମ୍ମାନଜନକ ମନେ କରାଯାଉଛି ।

ସେହି ବିକୃତ ସଂସ୍କାରକୁ ଆଜି ଆମେ ଆପେଣାଇ ନେଇଛେ । ଫଳ ସ୍ୱରୂପ ଆମେ ଦୈନ୍ୟଦିନ ଖବର କାଗଜ ଓ ନ୍ୟୁଜ ଚାନେଲମାନଙ୍କରେ ନାରୀ ଧର୍ଷଣ,ବଳତ୍କାର,ଅସଦ୍‌ଆଚରଣ,ନିର୍ଜାତନା ଓ ବଧୁ ହତ୍ୟାର ଦୁଃଖଦ ଓ ମର୍ମାହତର ବାସ୍ତବିକତା ଦେଖିପାରୁଛେ । ଏଥି ପାଇଁ ସରକାର ଓ ନ୍ୟାୟାଧିଶ କଡାକଡି ଭାବେ ନିୟମ କାନୁନ ଲାଗୁ କରିଛନ୍ତି । କିନ୍ତୁ ନାରୀର ଅବସ୍ଥାରେ କୌଣସି ସୁଧାର ନାହିଁ । ସୁଧାର ଆସିବ କିପରି ?

ନିଶ୍ଚିତରେ ଆଜି ଆମେ ସତ୍‌ମାର୍ଗକୁ ଭୁଲି ଯାଇ, ସଟକଟ ମାର୍ଗକୁ ଆପଣାଇ ନେଇଛେ । ଭଲ ଜିନିଷ ଛାଡି ଭୁଲ ଜିନିଷକୁ ପସନ୍ଦ କରିନେଇଛେ । ଦୈନ୍ୟଦିନରେ ଆମେ ଜାଣିଛେ,କୌଣସି ଉତମ ଓ ମୂଲ୍ୟବାନ ବସ୍ତୁକୁ ସର୍ବଦା ଲୁଚାଇ ରଖା ଯାଇଥାଏ । ଏଥିରେ ତାର ସମ୍ମାନ ଓ ସୁରକ୍ଷା ରହିଥାଏ । କେହି ତାକୁ ଚୋରି ମଧ୍ୟ କରି ପାରିନଥାନ୍ତି । ନଚେତ୍ ତାର ଚୋରି ହେବାର ଅଧିକ ଆଶଂକା ରହିଥାଏ । ଠିକ ସେହିପରି ଯଦି ଆମେ ନାରୀର ମହାନତଦା, ଉତମତା ଓ ଅମୂଲ୍ୟତାକୁ ବୁଝିପାରନ୍ତେ ତା'ହେଲେ ନାରୀ ଜାତିର ବେଶ ସୁରକ୍ଷା ହୋଇପାରନ୍ତା । ଯେପରି ପବିତ୍ର କୁରଆନ ନାରୀର ସମ୍ମାନ ଓ ମହାନତା ବିଷୟରେ ଏ ଉତମବାଣୀ ଦେଇ କହିଥାଏ ଯେ, ଆମେ ତୁମକୁ ପୁରୁଷ ଓ ସ୍ତ୍ରୀ ଦୁଇଗୋଟି ଜାତି ରୂପେ ସୃଷ୍ଟି କରିଅଛୁ । ବାସ୍ତବରେ ପ୍ରକୃତ ମୁସଲମାନ ଏବଂ ବିଶ୍ୱାସକାରିଣୀ, ଆଜ୍ଞାପାଳନକାରିଣୀ, ସତ୍ୟବାଦିନୀ, ଧୈର୍ଯ୍ୟଶୀଳା, ବିନୟ ପ୍ରଦର୍ଶନକାରିଣୀ, ଦାନ କରୁଥିବା ନାରୀ, ରୋଜା ରଖୁଥିବା ନାରୀ, ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ବୈକୁଣ୍ଠର ମହାନ ପୁରସ୍କାର ରଖାଯାଇଅଛି । ପୁଣି କୁହାଯାଇଛି, ହେ ବିଶ୍ୱାସକାରୀମାନେ ତୁମେ ନିଜ ପତ୍ନୀ ଓ କନ୍ୟାମାନଙ୍କୁ କହିଦିଅ; ଯେ ସେମାନେ ନିଜର ବଡ ଚାଦର(ଓଢଣୀ)କୁ ମୁଣ୍ଡ ଉପର ଦେଇ ବକ୍ଷସ୍ଥଳ ପର୍ଯ୍ୟନ୍ତ ଘୋଡାଇ ରଖିବେ; ଏପରି କରିବା ଫଳରେ ସେମାନଙ୍କୁ ଚିହ୍ନି ହେବ ଓ ସେମାନଙ୍କୁ କେହି ଇଙ୍ଗିତ କରିପାରିବେ ନାହିଁ । ଏତଦ୍ ଦ୍ୱାରା ନାରୀର ସମ୍ମାନ ବଜାୟ ରହିବା ସହ ତାର ସୁରକ୍ଷା ମଧ୍ୟ ହୋଇଥାଏ ।

ଆମକୁ ଜାଣିବାକୁ ହେବ ଯେ ନାରୀ ସମାଜରେ ଜଣେ ମାଁ ହୋଇଥାଏ । ପବିତ୍ର କୁରଆନ କହିଥାଏ; ମାଁର ସମ୍ମାନ ଓ ସେବା କରିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ହୋଇଥାଏ । ନାରୀ ଜଣେ ସହଧର୍ମିଣୀ ହୋଇଥାଏ, ଯାହାର ଉଚିତ୍ ସମ୍ମାନ ଓ ସଦବ୍ୟବହାର କରିବା ଦ୍ୱାରା ସେ ଘରକୁ ଏକ ସ୍ୱର୍ଗ ପରି ଗଢିତୋଳିଥାଏ ଏବଂ ସନ୍ତାନର ଉତମ ମାଁଟିଏ ବି ବନିପାରିଥାଏ । ସେ ପାଳନକର୍ତାଙ୍କ ଭଳି ଆମ ପରିବାରକୁ ଏକ ସୂତରେ ବାନ୍ଧି ଏକତାବଦ୍ଧ କରିପାରିଥାଏ । ନାରୀ ଜଣେ ଭଗ୍ନି ହୋଇଥାଏ, ଯାହା ଏକ ଭାଇ ପାଇଁ ଗୌରବ ହୋଇଥାଏ । ଭାଇ ତାର ସୁରକ୍ଷା ପାଇଁ ସଦାସର୍ବଦା ବାପ ପରି ତାର କର୍ତବ୍ୟରେ ସଂକଳ୍ପବଦ୍ଧ ହୋଇଥାଏ । ନାରୀ ଜଣେ କନ୍ୟା ସନ୍ତାନ ହୋଇଥାଏ । ଯାହାର ଲାଳନ ପାଳନ, ସୁଶିକ୍ଷା ଓ ଆଦର୍ଶବାନ ଗଢିବା ଦ୍ୱାରା ବାପ ମାଁଙ୍କୁ ସ୍ୱର୍ଗ ପାପ୍ତି ହୋଇଥାଏ । ମହାମାନ୍ୟ ମୁହମ୍ମଦ କହିଛନ୍ତି ପ୍ରତ୍ୟେକ ବାଳକ ଓ ବାଳିକା ପାଇଁ ଶିକ୍ଷା ହାସଲ କରିବା ନିହାତି ଆବଶ୍ୟକ । ସ୍ତ୍ରୀର ମୁହଁରେ ମୁଠାଏ ଖାଦ୍ୟ ଖୁଆଇ ଦେବା ବି ଏକ ପୁଣ୍ୟ କର୍ମ ।

ଆଜିର ଦିନରେ ନାରୀ ଜଣେ ମାହମହିମ ରାଷ୍ଟ୍ରପତି ହୋଇପାରୁଛି । ଜଣେ ପ୍ରଧାନ ମନ୍ତ୍ରୀ ହୋଇ ପାରୁଛି । ଜଣେ ମୁଖ୍ୟ ମନ୍ତ୍ରୀ ଆସନରେ ବସିପାରୁଛି । ତଥା ଏମ.ପି, ଏମ.ଏଲ.ଏ, ମେୟର, କର୍ପୋରେଟର ଓ ସରପଂଚ ବି ହୋଇପାରୁଛି । ଦେଶ ମାତୃକାର ସେବାରେ ପୁରୁଷ ଭଳି ବଳିଷ୍ଠ ସେନାବାହିନୀରେ ସାମିଲ ହୋଇ କର୍ତବ୍ୟ ପରାୟଣାର ପ୍ରମାଣ ଦେଇପାରୁଛି । ନାରୀ ଆଜି ସ୍ୱାସ୍ଥ୍ୟ କ୍ଷେତ୍ରରେ ଡ଼ାକ୍ତରଆଣୀ, ଶିକ୍ଷା କ୍ଷେତ୍ରରେ ଶିକ୍ଷୟତ୍ରୀ, ଉଦ୍ୟୋଗ କ୍ଷେତ୍ରରେ ଉଦ୍ୟୋଗପତି, ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ, ଧର୍ମ ଓ ବିଶ୍ୱାସ କ୍ଷେତ୍ରରେ ସେ ମା-ମାତା ଏବଂ ଦେବିମାତା ଭାବେ ସମାଜରେ ନିଜର ଭଲ ଚିତ୍ର ଓ ଚରିତ୍ର ଗଢିବାରେ ପ୍ରୟାସ କରି ଆସୁଛି । ଏପରି କି ଶିରିନ ଇବାଦୀ (୨୦୦୩), ମଲାଲା ୟୁସୁଫଜାଇ (୨୦୧୪), ନାଦିଆ ମୁରାଦ(୨୦୧୮) ଏବଂ ମାରିଆ ରେସା (୨୦୨୧) ଭଳି ନାରୀ ବିଶ୍ୱର ସର୍ବଶ୍ରେଷ୍ଠ ନୋବେଲ ପୁରସ୍କାର ପାଇବାରେ ପଛ ଘୁଂଚା ଦେଇନାହିଁ । କିନ୍ତୁ ଆମେ ନାରୀ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଏବେ ବି ଏତେ ଅବହେଳା କାହିଁକି ? ତାଙ୍କ ପ୍ରତି ଏପରି ଅନ୍ୟାୟ ଓ ଅନାଦର ମନଭାବ କାହିଁକି ? କାରଣ ଆଜି ଆମେ ଧର୍ମକୁ ଛାଡି ଅଧର୍ମେ ଗତି କରୁଛେ । 'ଧର୍ମ ଏକା ସିନା ମହତ ପଣିଆ - ଆଉ ସବୁ କିଛି ଅଢେଇ ଦିନିଆ'ର ମୂଳ ମର୍ମକୁ ଭୁଲିଯାଇଛେ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭଲ ଓ ଭୁଲର ବିଚାର କରୁ ନାହେଁ । ଅନ୍ୟାୟ ଓ ପାପର ଭାର

ପାରାଦୀପ ରେ ୧୧୪ ତମ ମନ କି ବାତ ରେ ମନ୍ତ୍ରୀ ସମ୍ପଦ : ପ୍ରାଥମିକ ସଦସ୍ୟତା ଉପରେ ଗୁରୁତ୍ୱ

ପାରାଦୀପ(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ରେଡ଼ିଓ କାର୍ଯ୍ୟକ୍ରମ 'ମନ କି ବାତ' କୁ ଏଥିମଧ୍ୟରେ ସଫଳତାର ସହ ପୁରିଛି ୧୦ ବର୍ଷ । ପ୍ରତ୍ୟେକ ମାସର ଶେଷ ରବିବାର ଦିନ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ସାରା ଦେଶ ଓ ବିଦେଶ ରେ ବେସ ଆଦୃତ ହେବାରେ ଲାଗିଛି । ତେବେ ଚଳିତ ୧୧୪ ତମ ମନ କି ବାତ କାର୍ଯ୍ୟକ୍ରମ ରବିବାର ଦିନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ 'ମା ପାଇଁ ଗଛ ଟିଏ' ବିଷୟବସ୍ତୁ ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି ସମ୍ବୋଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ପାରାଦୀପ ନୂଆବଜାର ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ଙ୍କ ମନ କି ବାତ ସିଧା ପ୍ରସାରଣ କାର୍ଯ୍ୟକ୍ରମ ରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହାପରେ ସେଠାରେ ଉପସ୍ଥିତ ପୌରା□ଳର ସମସ୍ତ ୱାର୍ଡ ର ବିଜେପି କାର୍ଯ୍ୟକର୍ତ୍ତା ଙ୍କୁ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରି ନିଜେ କାର୍ଯ୍ୟକର୍ତ୍ତା ଙ୍କ ସହ ୱାର୍ଡ ୱାର୍ଡ ବୁଲି ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ସଦସ୍ୟତା ଗ୍ରହଣ ଅଭିଯାନରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବିଜେପି ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଯାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ସାହାଣୀ କପ୍ ଫୁଟବଲ୍ - କଟକ ଓ ଗଞ୍ଜାମ ବିଜୟୀ

ପାରାଦୀପ (ମହାଭାରତ): ପାରାଦୀପ ବନ୍ଦର ଓ ଓଡ଼ିଶା ଫୁଟବଲ ଆସୋସିଏସନର ମିଳିତ ଆନୁକୁଲ୍ୟରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ଆନ୍ତଃ ଜିଲ୍ଲା ସ୍ତରୀୟ ୬୩ ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାର ୫ ମ ଦିନର ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଗଞ୍ଜାମ ଦଳ ଜଗତସିଂହପୁର ଦଳକୁ ୨-୧ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ସେହିପରି ଦ୍ୱିତୀୟ ମ୍ୟାଚରେ କଟକ ଦଳ ପୁରୀକୁ ୫-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଆସନ୍ତା କାଲି ପାରାଦୀପ କେନ୍ଦ୍ରାପଡ଼ାକୁ ତଥା ଭୁବନେଶ୍ୱର ଖୋର୍ଦ୍ଧାକୁ ଭେଟିବେ।

ଧର୍ମ ପରାୟଣ ମହିଳାଙ୍କ ପରଲୋକ

ବିଷମ କଟକ(ମହାଭାରତ) ରାୟଗଡ଼ା ଜିଲ୍ଲା ବିଷମ କଟକ ସଦରରେ ଧର୍ମପରାୟଣ ମହିଳା ରାଜମଣି ରଥ ଙ୍କ ରବିବାର ସନ୍ଧ୍ୟା ୪ଟା ସମୟରେ ରେ ବିୟୋଗ ଘଟିଛି ଓ ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୯୫ ବର୍ଷ ହୋଇଥିଲା ଓ ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ଓ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ର ସମସ୍ତ ୬ ପୁଅ ଯଥା: ପଞ୍ଚାନନ ରଥ, ସୁଦର୍ଶନ ରଥ,ବ୍ରଜ ସୁନ୍ଦର ରଥ, ପ୍ରଦୀପ ରଥ, ମୋନଜ ରଥ,କୁନା ରଥ ,୫ ଝିଅ ରାଜମଣୀ ଙ୍କ ସମସ୍ତ ପୁତ୍ର ବଧୂ ନାତି ନାତୁଣୀ ଉପସ୍ଥିତ ଥିଲେ । ଅନ୍ତିମ ସଂସ୍କାର ପାଇଁ ତାଙ୍କୁ ପୁରି ସ୍ଥିତ ସର୍ଗଦ୍ୱାର ନିଆଯାଇଛି ସେଠାରେ ପରମ୍ପରା ଅନୁଯାୟୀ ଶବ ସତ୍କାର କରାଯିବ । ତାଙ୍କର ବିୟୋଗ ଖବର ପାଇ ଆଖ ପାଖ ଅ□ଳରୁ ବହୁ ମାନ୍ୟ ଗଣ୍ୟ ଲୋକ ଆସି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ପରୋପକାରୀ ଧର୍ମପରାୟଣ ମିଷ୍ଟଭାଷୀ ମହିଳା ହୋଇ ଥିବାରୁ ବିଷମ କଟକ ଅଞ୍ଚଳରେ ଶୋକର ଛାୟାଖେଳି ଯାଇଛି।

ମନ କି ବାତ ଓ ସଦସ୍ୟତା ଅଭିଯାନ ରେ ସାମିଲ ହେଲେ କେନ୍ଦୁଝର ସାଂସଦ

କରଞ୍ଜିଆ,(ମହାଭାରତ) କେନ୍ଦୁଝର ସାଂସଦ ଅନନ୍ତ ନାୟକ ରବିବାର ଦିନ ଠାକୁରମୁଣ୍ଡା ବ୍ଲକ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ମନ କି ବାତ କାର୍ଯ୍ୟକ୍ରମ ରେ ଯୋଗ ଦେବା ସହିତ ବ୍ଲକ ର ବିଭିନ୍ନ ଗ୍ରାମକୁ ଯାଇ ଭାଜପା ର ସଦସ୍ୟତା ଅଭିଯାନ ରେ ସାମିଲ ହୋଇଥିଲେ।ମହୁଲଡ଼ିହା ମଣ୍ଡଳ ର ତରାମରା ବୁଥ ରେ ଅୟୋଜିତ ମନ କି ବାତ କାର୍ଯ୍ୟକ୍ରମ ଗ୍ରାମବାସୀ ମାନଙ୍କ ସହିତ ବସି ଦେଖିଥିଲେ। ପରେ ସେହି ଗ୍ରାମର ଭୋଟର ମାନଙ୍କୁ ଭେଟି ସେମାନଙ୍କୁ ଭାଜପା ର ସଦସ୍ୟତା କରାଇ ଥିଲେ। ପରେ କେଶଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମିଟୁଆଣି ଓ କେଶଡ଼ିହା ଗ୍ରାମକୁ ଯାଇ ଗ୍ରାମରେ ସଦସ୍ୟତା ଅଭିଯାନ ରେ ସାମିଲ ହୋଇ ମହିଳା ଓ ପୁରୁଷ ଙ୍କୁ ଭେଟି ସଦସ୍ୟତା କରିଥିଲେ।ଅପରାହ୍ନ ସମୟରେ ତାଳପଦା ଗ୍ରାମରେ ପହଞ୍ଚି ଲୋକଙ୍କୁ ଭେଟିବା ସହିତ ସଦସ୍ୟତା କରିଥିଲେ। ସାଂସଦ ଙ୍କ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଲୋକ ମାନେ ଆସି ଭାଜପା ର ସଦସ୍ୟତା ଗ୍ରହଣ କରିଥିଲେ। ସାଂସଦ ଙ୍କ କାର୍ଯ୍ୟକ୍ରମ ରେ ଠାକୁରମୁଣ୍ଡା ଓ ମହୁଲଡ଼ିହା ମଣ୍ଡଳ ର ୨ ସଭାପତି ,ଜିଲ୍ଲା ସମ୍ପାଦକ ବିମଳ ସେନାପତି, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ,ଗୌରାଙ୍ଗ ଶତପଥୀ,ଅଲେଖ ସେଠୀ ସମେତ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଦନ୍ତାହାତୀ ଆକ୍ରମଣ ଜଣେ ମୃତ,ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମବାରି ସେକ୍ସନ ଅନ୍ତର୍ଗତ ଖଜୁରୀଡ଼ିହି ଗ୍ରାମ ନିକଟ ମିତ୍ତଲ କମ୍ପାନୀ ର ୫,ନଂ ଗେଟ୍ ସମ୍ମୁଖରେ ରବିବାର ଭୋର୍ ସମୟରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ଘଟିଛି । ସେ ଭୋର୍ ସମୟରେ ଶୌଚ କରିବାକୁ ଯାଇଥିବା ବେଳେ ଦନ୍ତା ହାତୀ ଟି ଦଳି ଦେଇଥିଲା ।ଫଳରେ ଘଟଣାସ୍ଥଳରେ ହିଁ ଗୁରୁଚରଣ ଙ୍କ ମୃତ୍ୟୁ ଘଟିଥିଲା ଯଏହି ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଉପୁଜି ଥିଲା । ପୂର୍ବରୁ ଏହି ଦନ୍ତା ହାତୀ ଟି ଅଞ୍ଚଳରେ ଉତ୍ପାତ ଓ ଉପଦ୍ରବ ଚଳାଇବା ସହିତ ଅଞ୍ଚଳରେ ଦୁଇ ଜଣଙ୍କୁ ଆକ୍ରମଣ କରି ମୃତ୍ୟୁ ଘଟାଇଥିବା କାରଣରୁ ଲୋକେ ଆତଙ୍କିତ ଥିଲେ। ବନ ବିଭାଗ ଏଥିପ୍ରତି ଗୁରୁ ଦେବାକୁ ଅ□ଳ ବାସୀ ଦାବୀ କରି ଆସୁଥିଲେ ହେଁ କିଛି ଦିନ ମଧ୍ୟରେ ପୁନର୍ବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ଘଟିବା ଅଞ୍ଚଳ ବାସୀ ଙ୍କୁ ଆହୁରି ଉତ୍ୟକ୍ତ କରି ଦେଇଥିଲା । ଲୋକେ ବନବିଭାଗ କର୍ମଚାରୀ ଘେରି ରହିଥିବା ବେଳେ ବାମେବାରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତି କୁ ନିୟନ୍ତ୍ରଣ କରିଥିଲା । ଏ ସମ୍ପର୍କରେ ବାମେ ବାରି ଫରେଷ୍ଟର ରାଜେନ୍ଦ୍ର ଜେନା ଙ୍କୁ ପଚାରିବାରୁ ସେ କହିଥିଲେ ଯେ,ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।ଏହି ଦନ୍ତା ହାତୀ ଟି ନିକଟରେ ୩ ଲୋକଙ୍କ ର ପ୍ରାଣ ହାନୀ ଘଟାଇଛି ।ତେବେ ଏନେଇ ବନ ବିଭାଗ କଣ ପଦକ୍ଷେପ ନେବାକୁ ଯାଉଛି ବୋଲି ପ୍ରଶ୍ନ କରାଯିବାରୁ ଉପରିସ୍ଥ ଅଧିକାରୀ ମାନେ ଯାହା ନିଷ୍ପତି ନେବେ ତାହା କୁ ପାଳନ କରାଯିବ ବୋଲି ସେ କହିଥିଲେ ।

ବସ କୁ ଧକ୍କା ଦେଲା ଟ୍ରକ୍, ୧୩ଯାତ୍ରୀ ଗୁରୁତର

ଯୋଡା(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ତଥା ଚମ୍ପୁଆ ଥାନା ଅଧୀନସ୍ଥ ୫୨୦ ନଂ ଜାତୀୟ ରାଜପଥ ର ବାସୁଦେବପୁର ମେଡିକାଲ ଛକ ନିକଟରେ ରବିବାର ପୂର୍ବାହ୍ନରେ ଯାତ୍ରୀ ବାହୀ ବସ କୁ ଏକ ଟ୍ରକ୍ ଧକ୍କା ଦେବାରୁ ବସ ରେ ଥିବା ପ୍ରାୟ ୧୩ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି ।ଖବର ନେବାରୁ ଜଣାପଡିଛି ଯେ,ଢେଙ୍କାନାଳ ରୁ କୋଇଡା ଅଭିମୁଖେ ଯାଉଥିବା ସଂପର୍କ ବସ କୁ ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟ ସମୟରେ ଦୃତ ଗତିରେ ଯାଉଥିବା ଏକ ଟ୍ରକ୍ ନଂ ଓ ଡି ୨୨୫୮୬୮ ପଛ ପାର୍ଶ୍ୱରେ ଧକ୍କା ଦେଇଥିଲା। ଫଳରେ ବସ ରେ ଥିବା ଯାତ୍ରୀ ବାସୁଦେବପୁର ଅଞ୍ଚଳ ର ସୁଲେଖା ବେହେରା,ମାଳତୀ ପାତ୍ର,ହରିହର ସାହୁ,ଯୋଡା ଅଞ୍ଚଳ ର ଚିକୁ ଦେହୁରୀ,ଆଲୋକ ଦେହୁରୀ,ଇନ୍ଦ୍ରଜିତ ଦେହୁରୀ, ଅ ସେଇଁକଳା ଅଞ୍ଚଳ ର ଚନ୍ଦ ମଣି ବେହେରା,ଭାନୁମତୀ ବେହେରା, ପଞ୍ଚାନନ ବେହେରା,ବିଲେଇ ପଦା ଅଞ୍ଚଳ ର ଶିବାନୀ ଗୋପିନ, ଭନଗାଁ ଅଞ୍ଚଳ ର ମୁକ୍ତା ବେହେରା,,କୁଞ୍ଜ ପଶି ଗ୍ରାମର ସୁରେଶ ବେହେରା ,ଓ ସୂର୍ଯ୍ୟମଣି ବେହେରା ଙ୍କୁ ମିଶାଇ ପ୍ରାୟ ୧୩ ଜଣ ଗୁରୁତର ଆହତ ହୋଇଥିଲେ ।ଏମାନଙ୍କୁ ନିକଟସ୍ଥ ବାସୁଦେବ ପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆ ଯାଇଥିଲା। ଆହତ ଙ୍କ ମୁଣ୍ଡ, ଛାତି, ଅଣ୍ଟା,ଗୋଡ଼ ,ହାତରେ ଗଭୀର ଆଘାତ ଲାଗିଥିବା ସ୍ୱାସ୍ଥ୍ୟ କେନ୍ଦ୍ର ସୂତ୍ର ରୁ ଜଣା ପଡ଼ିଛି। ସେଠାରୁ ଆହତ ଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତର ଖା ନା କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ପୋଲିସ ଘଟଣା ର ଅନୁସନ୍ଧାନ ଆରମ୍ଭ କରିଛ।

ବା ର୍ ହା ମାଂସ ଚାଲାଣ ଓ ବିକ୍ରି ଅଭିଯୋଗରେ ଦୁଇ ଅଭିଯୁକ୍ତ ଗିରଫ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ ଗୁଆଲି ସେକ୍ସନ ର ଟନ୍ ଟୋ ଠାରେ ବାର୍ ହା ମାଂସ ବିକ୍ରି ଓ ଚାଲାଣ ସମୟରେ ବନ ବିଭାଗ ଦୁଇ ଅଭିଯୁକ୍ତ ଙ୍କୁ ଅଟକ ରଖିଛି ।ଅଭିଯୁକ୍ତ ମାନେ ହେଲେ ଟନ୍ ଟୋ ଗ୍ରାମର ଭାଗ ମୁଣ୍ଡା ଓ ସବିର ମୁଣ୍ଡା। ଅଭିଯୁକ୍ତ ଦ୍ୱୟ ଜଙ୍ଗଲି ବାର୍ ହା ର ପ୍ରାୟ ୫କେଜି କ□। ମାଂସ ବିକ୍ରି ଓ ଚୋରା ଚାଲାଣ କରୁଥିଲେ। ଖବର ପାଇ ବନ ବିଭାଗ ଦୁଇ ଜଣ କୁ ଅଟକ ରଖିବା ସହିତ ମାଂସ ଜବତ କରି ଏହାର ଯାଞ୍ଚ ପାଇଁ ଓ ୟୁ ଏ ଟି କୁ ପଠାଇ ଥିବା ବନ ବିଭାଗ ସୂଚନା ଦେଇଛି।

୬୭ତମ ଆର୍ନ୍ତଜାତିକ ବଧିର ସପ୍ତାହ-୨୦୨୪ ପାଳିତ

ଅନୁଗୁଳ,(ମହାଭାରତ): ଅନୁଗୁଳ ଜିଲ୍ଲା ବଧିର ସଂଘ ତରଫରୁ ଆନ୍ତର୍ଜାତିୟ ବଧିର ସପ୍ତାହ ପାଳିତ ହୋଇଯାଇଅଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ମୂକ ଓ ବଧିର ଭାଇ ଭଉଣୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଯାହାକୁ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲ ।ଆର୍ନ୍ତଜାତିକ ବଧୂର ସପ୍ତାହ ବିଶ୍ ବଧୂର ସଂଘର ଏକ ପ୍ରାରମ୍ଭିକ ପ୍ରଚେଷ୍ଟା ଏବଂ ଏହି ପ୍ରଚେଷ୍ଟା ସର୍ବପ୍ରଥମେ ଇଟାଲୀର ରାଜଧାନୀ ରୋମ୍ରେ ୧୯୫୮ ମସିହାରେ ବାସ୍ତବ ରୂପ ନେଇଥିଲା ।ସେହିଦିନଠାରୁ ବିଶ୍ ବଧୂର ସଂପ୍ରଦାୟ ପ୍ରତିବର୍ଷ ଏହି ସପ୍ତାହ ପାଳନ କରିଆସୁଛି । ଆର୍ନ୍ତଜାତିକ ବଧୂର ସପ୍ତାହ ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ କରାଯାଇଥାଏ ।ଏହି ଅବସରରେ ପଦଯାତ୍ରା, ତର୍କ ପ୍ରତିଯୋଗିତା, ପ୍ରଚାର ଅଭିଯାନ ହୁଏ ଏବଂ ଏଥିରେ ମୂକ, ବଧୂର ଭାଇ ଭଉଣୀମାନଙ୍କର ପରିବାର, ସରକାରୀ ସଂସ୍ଥାର କର୍ମକର୍ତା, ମୂକ ବଧୂରଙ୍କ ପାଇଁ କାମ କରୁଥିବା ପେସାଦାର ସାଙ୍କେତିକ ଭାଷା ଅନୁବାଦକ ଆଦି ବିଭିନ୍ନ ଭିଉକ୍ଷମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ।ଆର୍ନ୍ତଜାତିକ ବଧୂର ସପ୍ତାହର ଉଦେଶ୍ୟ ହେଲା ମୂକ ବଧୂରମାନଙ୍କୁ ଏକାଠି କରିବା ଏବଂ ସେମାନେ ଯେ ଏକ ଓ ଅଭିନ୍ନ ଏହା ଅବଶିଷ୍ଟ ବିଶ୍ୱବାସୀଙ୍କୁ ଜଣାଇବା ।ଆର୍ନ୍ତଜାତିକ ବଧୂର ସପ୍ତାହରେ ବଧୂର ବ୍ୟକ୍ତିମାନଙ୍କର ଅଧିକାର କିପରି ପ୍ରସାରିତ ହୋଇପାରିବେ ସେ ଦିଗରେ ଉଦ୍ୟମ ହୁଏ ଏବଂ ନିର୍ଦ୍ଦିଷ୍ଟ ମାନବିକ ଅଧିକାର ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଜିର ବାର୍ଷିକ ସମ୍ମିଳନୀରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।ଏହା ଅନୁଗୁଳର ୧୦ତମ ବାର୍ଷିକ ବଧୂର ସମ୍ମିଳନୀ ଥିଲା ।ଆଜିର ଏହି ସମ୍ମିଳନୀରେ ଓଡିଶା ବଧିର ସଂଘର ଉପାଧ୍ୟକ୍ଷ ମନୋରଞ୍ଜନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନୁଗୁଳ ଜିଲ୍ଲା ବଧିର ସଂଘର ସଭାପତି ପର୍ଶୁରାମ ଦାଶ, ସମ୍ପାଦକ ବିଶ୍ୱଜିତ ହୋତା ଓ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସ୍ନେହଲତା ସେଠୀ ,ଉପ ସଭାପତି ସନ୍ତୋଷ ବେହେରା ଓ ସାଂକେତିକ ଭାଷା ଉପସ୍ଥାପକ ବିଶ୍ୱଜି ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବଧିର ମାନଙ୍କୁ ପୁରସ୍କାର ବିତରଣ ହୋଇଥିଲା ।

ଆସିକା ନୂଆଗାଁ ଚିନି ଶିଳ୍ପ ଛକରେ ଗ୍ରାହକ ଙ୍କୁ ଲୁଟୁଛନ୍ତି ଅସାଧୁ ବ୍ୟବସାୟୀ

ଆସିକା(ମହାଭାରତ): ଆସିକା ହେଉଛି ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ବୃହ□ମଞ୍ଚ ବ୍ୟବସାୟିକ ପେଣ୍ଠ ସ୍ଥଳିରୂପେ ବେଶ ଜଣାଶୁଣା । ଆସିକା କୁ ଆଖ ପାଖ ଅଞ୍ଚଳରୁ ବହୁ ଛୋଟ ବଡ଼ ବ୍ୟବସାୟ ଙ୍କ ସମେତ ବହୁ ଗ୍ରାମବାସୀ ସେମାନଙ୍କ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ତେଜରାତି ଓ ପନିପରିବା କ୍ରୟ କରିଥାନ୍ତି। ଏହି ପରି ସ୍ଥଳେ ଆସିକା ଚିନିଶିଳ୍ପ ନୂଆଗାଁ ଛକରେ ଥିବା ଏକ ତେଜରାତି ଦୋକାନୀ ଗ୍ରହକଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ଆସିଛି। ଏଠାରେ ବିଭିଭ ସାମଗ୍ରୀ ଚଢ଼ା ଦରରେ ବିକ୍ରି ହେଉଥିବାର ବାରାମ୍ବର ଅଭିଯୋଗ ଆସୁଛି। ପ୍ରକାଶ ଥାଉକି ରାଜ୍ୟ ସରକାର ଙ୍କ ପକ୍ଷରୁ ବିଜ୍ଞପ୍ତି ରହିଛି କି ବ୍ୟବସାୟୀ ସେମାନଙ୍କ ଦୋକାନ ସାମ୍ନାରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ତାଲିକା ଗ୍ରାହକଙ୍କ ଉଦେଶ୍ୟ ସୂଚିତ କରିବା ପାଇଁ କିନ୍ତୁ ତାହା କୌଣସି ଦୋକାନ ସାମ୍ନାରେ ସୂଚିତ କରାଯାଉନାହିଁ। ଜିଲ୍ଲାରେ କୋଣ ଅନୁକୋଣ ରେ ବିଭିନ୍ନ ମିଲରେ ବିନା ପଞ୍ଜିକରଣ ରେ ଅଟା, ସୁଜି, ମସଲା ଗୁଣ୍ଡ, ହଳଦୀ ଗୁଣ୍ଡ, ଜିରା, ସୋରିଷ କୁ ମାତ୍ରାଧିକ ଏମ.ଆର.ପି ରେଟରେ ପ୍ରିଣ୍ଟ କରି ବିକ୍ରି କରାଯାଉଛି । ଯାହାକି ବଜାରରେ ଆସି ଚଢ଼ା ଦରରେ ବିକ୍ରି ହେଉଛି। ଏହି ସବୁ କାରବାର ବିନା ପଞ୍ଜିକୃତ ଭାବେ ଖୁଲାମ ଖୁଲା ଚାଲୁଛି। ବିଭାଗୀୟ ଅଧିକାରି ମାନେ କେବେବି ଆସିକା ଅଞ୍ଚଳ ରେ ଥିବା ବେଆଇନ ଗ୍ରୋସରି ଦୋକାନ ଉପରେ ଚଢ଼ାଉ କରିବାର ନଜିର ନାହିଁ। ଆସିକା ର ଅଧିକାଂଶ ଦୋକାନୀ ର ବିଭିନ୍ନ ସାମଗ୍ରୀ ର ଦର ର ତାଳ ମେଳ ରହୁନାହିଁ। ଦରଦାମ ବୃଦ୍ଧିର ସୁଯୋଗ ନେଇ ଏହି କଳା ବଜାରୀ ମାନେ ଦିନ ଦିପହରେ ଗ୍ରାହକଙ୍କୁ ଶୋଷଣ କରୁଛନ୍ତି। ଯୋଗାଣ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ଦୋକାନ ଗୁଡିକ ଉପରେ ଚଢ଼ାଉ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳ ବାସୀ ତଥା ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

ପର ପିଣ୍ଡାରେ ବିତୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ

କୋକସରା, ୨୯ ୯ ୯ (ମହାଭାରତ): କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଧୋବେନଚ□ରା ନୂଆପଡା ଗ୍ରାମର ବୃଦ୍ଧ ଭଦ୍ର ମାଝୀଙ୍କ ଘର ଭାଙ୍ଗି ଯିବାରୁ ଏବେ ପର ପିଣ୍ଡାରେ ସ୍ୱାମୀ ସ୍ତ୍ରୀ ଆଶ୍ରୟ ନେଇଛନ୍ତି। ସୂଚନା ଅନୁସାରେ, ଗତ ୨୦ ଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଦୁର୍ବଳ ଅବସ୍ଥାରେ ଥିବା ତାଙ୍କ ମାଟି କୁଡିଆ ଘର ଭାଙ୍ଗିଯାଇଥିଲା। ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ସେମାନଙ୍କୁ ପଲିଥିନ ଖଣ୍ଡେ ଦେଇଥିବାବେଳେ ତାହାକୁ ଢାଙ୍କି ରହିବା ସମ୍ଭବ ହେଉନାହିଁ। ତେଣୁ ଏହି ବୃଦ୍ଧ ଦମ୍ପତି ଅସହାୟ ଅବସ୍ଥାରେ ଆଶ୍ରୟ ନେଇଛନ୍ତି । ରାତିରେ ଶୋଇବା ସମୟରେ ସାପ ବେଙ୍ଗ ଓ ଅନେକ ସରିଶୃପ ଆସୁଥିବାରୁ ରାତି ଅନିଦ୍ରା ହୋଇ ଦିନ କାଟୁଛନ୍ତି। ଅନ୍ୟପଟେ ପୂର୍ବରୁ ଏହି ବୃଦ୍ଧ ଦମ୍ପତି ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କୌଣସି ଦୃଷ୍ଟି ପଡି ନାହିଁ। ଯାହା ଫଳରେ ଭାଗ୍ୟକୁ ଆଦରି ଦଦରା କୁଡିଆରେ ରହି ଆସୁଥିଲେ। ହେଲେ ଭାଗ୍ୟ ମଧ ତାଙ୍କୁ ସା ଦେଇ ନଥିଲା ଆଉ ଗତ କିଛିଦିନ ତଳେ ହୋଇଥିବା ବର୍ଷାରେ ତାଙ୍କ ମାଟିଘର ବି ଭୁଷୁଡି ଯାଇଛି। ଏବେ ବୃଦ୍ଧ ଦମ୍ପତି ପର ପିଣ୍ଡାରେ ଆଶ୍ରୟ ନେଇଛନ୍ତି। ତେଣୁ ଏହି ବୃଦ୍ଧ ଦମ୍ପତିଙ୍କ ଆବାସ ଯୋଜନାରେ ସାମିଲ କରି ଗୃହ ଟିଏ ଯୋଗାଇ ଦେବାପାଇଁ ଦାବି ହୋଇଛି। ଏନେଇ ଡୁଡୁକାଠେଙ୍ଗା ସରପଞ୍ଚ ହରି ପ୍ରିୟା ନାଗଙ୍କୁ ପଚାରିବାରୁ ଏସସିସି ଲିଷ୍ଟରେ ସଂଯୋଗ କରି କେମିତି ଘର ପାଇବେ ସେନେଇ ଚେଷ୍ଟା କରିବା ବୋଲି କହିଛନ୍ତି।

ଇନ୍ଦ୍ରମଣି ସାହୁ ଜୟନ୍ତୀ ଓ ନୂଆଁଖାଇ ଭେଟଘାଟ

ପାଟଣାଗଡ଼ (ମହାଭାରତ) କୋଶଲି ଡେରା ଓ ସେଲାପଥର ସାହିତ୍ୟ ସଂସ୍କୃତି ପରିଷଦର ନୂଆଁଖାଇ ଭେଟଘାଟ ଏବଂ ଇନ୍ଦ୍ରମଣି ସାହୁ ଜୟନ୍ତୀ ପବିତ୍ର ଶୈବପୀଠ ହରିଶଙ୍କରରେ ନୂଆଁଖାଇ ଭେଟଘାଟ ଓ କୋଶଲି ବାଲ୍ମିକୀ ଇନ୍ଦ୍ରମଣି ସାହୁ ଜୟନ୍ତୀ ପାଳିତ ହୋଇ ଯାଇଛି । ପ୍ରଥମ ଅଧିବେଶନରେ ଚଙ୍ଗରିଆ ସରପ□ ଶୁଶୀଲ କୁମାର ଗୁରୁ ମୁଖ୍ୟ ଅତିଥି ଭାବରେ ଆସିଥିବା ବେଳେ ହେମନ୍ତ କୁମାର ଦାଶ, ସଂଯୁକ୍ତ ପରିଛଛା,ଜଟାଧାରୀ ପଧାନ, ସାବିତ୍ରୀ ସାହୁ ମଞ୍ଚାସୀନ ରେ ରହିଥିଲେ। ଏ ଅବସରରେ ଅନେକ କବି କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ଅଧ୍ୟାପକ ବିନୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ରହିଥିବା ବେଳେ ଅଧ୍ୟାପକ ବ୍ରଜମୋହନ ମେହେର,ସବିତା ମେହେରା ମଞ୍ଚାସୀନ ରେ ରହି ଥିଲେ। ଭକ୍ତବନ୍ଧୁ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଲାଲଚନ ବରଗର୍ଡୀ ସ୍ୱାଗତ ଭାଷଣ କରି ଥିବା ବେଳେ ସନ୍ତୋଷ କୁମାର ଦାଶ ଓ ଶିବପ୍ରସାଦ ସା ସଂଯୋଜନା କରି ରହିଥିଲେ । ଏହି ଅବସରରେ , ଶ୍ରୀଯୁକ୍ତ ମଧୁସୂଦନ ଦାଶଙ୍କୁ ଇନ୍ଦ୍ରମଣି ସାହୁ ସୁରତା ସମ୍ମାନ ପ୍ରଦାନ କରା ଯାଇଥିଲା ଓ ପବିତ୍ର ଭୋଇଙ୍କୁ ବୈଦ୍ୟ ହିସାବରେ ସମ୍ବର୍ଦ୍ଧନା କରା ଯାଇ ଥିଲା । ଧରମସିଂ ଧରୁଆ , ଶଶୀକାନ୍ତ ଧରୁଆ , ହିମାଂଶୁ ବାଗ ସହଯୋଗ କରି ଥିଲେ । ଶେଷରେ କ୍ଷୀରୋଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସଂସ୍କୃତ ଦିବସ ସମୀକ୍ଷା ବୈଠକ

କେନ୍ଦ୍ରାପଡା,(ମହାଭାରତ): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଗୁଲନଗର ଉଚ୍ଚ ବାଳିକା ବିଦ୍ୟାଳୟରେ ଆଜି ଦିବା ୧୦ଟାରେ ସଭାପତି ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଗୋଟି ମଣ୍ଡଳରୁ ଆସିଥିବା କର୍ମକ□ଙ୍କ ଉପସ୍ଥିତିରେ ଚଳିତମାସ ୧ତାରିଖରେ ପାଳିତ ହୋଇଯାଇଥିବା ସଂସ୍କୃତ ଦିବସର ସମୀକ୍ଷା କରିବା ସହିତ ଆୟବ୍ୟୟ ତାଲିକା ସଂପାଦକ ପଣ୍ଡିତ ଭଗବାନ ସାହୁ ଉପସ୍ଥାପନ କରିଥିଲେ । ଏହା ମଧ୍ୟ ସମସ୍ତଙ୍କ ସହମତିରେ ଗୃହୀତ ହୋଇଥିଲା। ଆଗାମୀ ଦିନରେ ମଣ୍ଡଳସ୍ତରୀୟ ବୈଠକ କରାଯାଇ ସଂଗଠନକୁ ସୁଦୃଢ଼ କରିବାକୁ ସଭାପତି ମତ ରଖିଥିଲେ। ତତ୍‌ସହିତ ବକେୟା ସଭ୍ୟଚାନ୍ଦା ଗ୍ରହଣ କରିବାକୁ ପ୍ରତ୍ୟେକ ମଣ୍ଡଳ ସମ୍ପାଦକଙ୍କୁ ଅବଗତ କରାଇଥିଲେ । ପଣ୍ଡିତ ଭଗବାନ ସାହୁ କେନ୍ଦ୍ରାପଡ଼ା ଓଷ୍ଠା ସଂଘର ନବ ନିର୍ବାଚିତ ସଂପାଦକ ଭାବେ ମନୋନୀତ ହୋଇଥିବାରୁ ଆଜିର ବୈଠକରେ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉ□ରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନ ମୋହନ ମିଶ୍ର, ହାଡିବନ୍ଧୁ ଭୂୟାଁ, ବିଜୟ କୁମାର ସାହୁ, ସତ୍ୟବ୍ରତ ନନ୍ଦ, ମମତା ମିଶ୍ର, ଉର୍ମିଳା ଦଳାଇ, ସରୋଜ କୁମାର ଦାଶ, ରଞ୍ଜନ କୁମାର ଜେନାଙ୍କ ସମେତ ଅନେକ ସଂସ୍କୃତ ଶିକ୍ଷକ/ଶିକ୍ଷିକା ଉପସ୍ଥିତ ଥିଲେ। ପଣ୍ଡିତ ଶ୍ରୀନାଥ ମିଶ୍ର ବେଦପାଠ ଓ ମଞ୍ଜୁଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବାଣୀବିହାର ୧୯୭୭ ମସିହା ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କେନ୍ଦ୍ରାପଡ଼ା,(ମହାଭାରତ): ୧୯୭୭ ମସିହା ବାଣୀବିହାରରେ ଇତିହାସ ପଢ଼ିଥିବା ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ମହାସମାରୋହରେ କେନ୍ଦ୍ରାପଡାରେ ସେପ୍ଟେମ୍ବର ୨୫ତାରିଖରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର କୈଳାସ ଚନ୍ଦ୍ର ବରାଳଙ୍କ ସୌଜନ୍ୟରେ ଏହି କାର୍ଯ୍ୟକ୍ରମ ଏକ ମନୋଜ୍ଞ ପରିବେଶ ମଧ୍ୟରେ କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା । ସମସ୍ତ ପୁରାତନ ଛାତ୍ରଛାତ୍ରୀ ମନ୍ଦିରକୁ ଯାଇ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ । ଏଥିରେ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଅତୀତର ମଧୁର ସ୍ମୃତିଚାରଣ କରିବା ସହ ଗଭୀର ଆନ୍ତରିକତା ଓ ଭାବପ୍ରବଣତାର ସୂତ୍ରରେ ବାନ୍ଧି ହୋଇ ଯାଇଥିଲେ । ଏହି ବନ୍ଧୁମିଳନ ଅବସରରେ ଶ୍ରୀମତୀ ଓ ଶ୍ରୀ ବରାଳଙ୍କୁ ପୁଷ୍ପଗୁଚ୍ଛ ଓ ଉ□ରୀୟ ଦେଇ ବନ୍ଧୁମାନଙ୍କ ପକ୍ଷରୁ ପ୍ରଫେସର ସତ୍ୟଭାମା ପତି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠନର ସମ୍ପାଦିକା ପ୍ରଫେସର ତଝିନ୍ ଦାସ, ଉପଦେଷ୍ଟା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଧାଂଶୁ ରାଉତରାୟ, ସଂଯୋଜକ ପ୍ରଫେସର ଅମୀୟ କୁମାର ମହାଁ ପ୍ରମୁଖ ସହଯୋଗ କରିଥିଲେ ।

ସ୍ୱାମୀ କାଟିଦେଲା ସ୍ତ୍ରୀ ର ବେକ , ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନା ରେ ଭର୍ତ୍ତି

ଅନୁଗୋଳ,(ମହାଭାରତ):ହିନ୍ଦୋଳ ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମ ର ଜୟ ବେହେରା ନିଜ ଝିଅ ବନିତା ଦେହୁରୀ ଙ୍କୁ ଛଅ ବର୍ଷ ତଳେ କୁଲାଡ ଗ୍ରାମ ହିଙ୍ଗୁଳା ସାହି ର କନ୍ଦର୍ପ ଦେହୁରୀ ଙ୍କ ପୁଅ ପବନା ଦେହୁରୀ ଙ୍କୁ ବୈଦିକ ରୀତିରେ ବିବାହ ଦେଇଥିଲେ । ଆରମ୍ଭ ରୁ ଉଭୟ ଙ୍କ ପରିବାର ରେ ସବୁ କିଛି ଠିକ୍ ଠାକ୍ ଥିଲା । ତେବେ ଗତ ଦୁଇ ତିନି ବର୍ଷ ହେବ ଅର୍ଥ ଅଭାବ ରୁ ପରିବାର ରେ ଝଗଡ଼ା । ମାର ପିଟ୍ ଲାଗି ରହିଲା , ଏଥିରେ ଅତିଷ୍ଠ ହୋଇ ବନିତା ନିଜ ବାପା ଘର କୁ ମଧ୍ୟ ଚାଲି ଯାଇଥିଲେ । ଉଭୟ ଙ୍କ ପରିବାରରେ ବୁଝାମଣା ପରେ ବନିତା ପୁଣି ଥରେ ଶାଶୁ ଘରେ ରହିଥିଲେ କିନ୍ତୁ ଗତ କାଲି ରାତି ରେ ଜୟ ବେହେରା ଙ୍କ ପାଖକୁ ଫୋନ ଯୋଗେ ଜଣେ ଜଣାଇଥିଲେ କି ଆପଣଙ୍କ ଝିଅ କୁ ଏକ ଧାରୁଆ ଅସ୍ତ୍ର ରେ ଆପଣଙ୍କ ଜ୍ୱାଇଁ ପବନା ଦେହୁରୀ ହତ୍ୟା କରିବା ପାଇଁ ଆକ୍ରମଣ କରିଛି । ଯାହା ଫଳରେ ତାଙ୍କର ବେକ , ହାତ ଓ ଛାତି ରେ ଗଭୀର ଆଘାତ ଲାଗିଛି ଏହା ଶୁଣି ସେ ତୁରନ୍ତ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଆସି ଥିଲେ ତେବେ ଡ଼ାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେବାକୁ କହିଛନ୍ତି । ଝିଅ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଜୟ ବେହେରା ନାଲକୋ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣା କୁ ଗୁରୁତର ଭାବେ ନେଇ ତଦନ୍ତ ଆରମ୍ଭ କରିଛି।

ମାଛ ବଜାର ପିଣ୍ଡି ପାଇଁ ଲଟେରି ହେବ ୪ରେ

ଭାଗ ନେବେ ୪୬ ଜଣ ବେପାରୀ ଏଥର ରାସ୍ତାପାର୍ଶ୍ୱରେ ବନ୍ଦ ହେବ ବେପାରୀ

ନୟାଗଡ଼, (ମହାଭାରତ) : ଲଗାତାର ଭାବେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପୌର ପରିଷଦ ନିର୍ମାଣ କରାଯାଇଥିବା ମାଛ ବଜାରରେ ତାଲା ଝୁଲୁଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତାଗିଦ ପରେ ରାସ୍ତାପାର୍ଶ୍ୱରେ ମାଛ ବିକ୍ରି କରୁଥିବା ବ୍ୟବସାୟୀ ମାନଙ୍କୁ ଉକ୍ତ ମାଛ ବଜାରକୁ ନେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ନୟାଗଡ଼ ପୌର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆସନ୍ତା ମାସ ଅର୍ଥାତ ଅକ୍ଟୋବର ୪ରେ ମାଛ ବଜାରରେ ଥିବା ପିଣ୍ଡି ପାଇଁ ଲଟେରି କରାଯିବ ବୋଲି ଜଣାପଡ଼ିଛି। ଏହା ପରେ ରାସ୍ତାପାର୍ଶ୍ୱରେ ମାଛ ବିକ୍ରି ଉପରେ କଟକଣା ଲଗାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି। ଶ୍ରୀମତି ଆର୍ଯ୍ୟଙ୍କ ସୂଚନା ମୁତାବକ, ପୌର ପରିଷଦ ଅଧୀନରେ ୪୬ଟି ମାଛ ଓ ମାଂସ ଦୋକାନ ଥିବା ସର୍ଭେରୁ ଜଣାପଡ଼ିଛି। ମାଛ ବଜାରରେ ମୋଟ୍ ୬୦ଟି ପିଣ୍ଡି ରହିଥିବା ବେଳେ କିଏ କେଉଁଠି ବସିବେ, ଏ ନେଇ ଲଟେରି କରାଯିବା ପରେ ନିଷ୍ପତ୍ତି ନିଆଯିବ। ଏହାପରେ ରାସ୍ତା ପାର୍ଶ୍ୱରେ ବେପାର ବନ୍ଦ କରି ଉକ୍ତ ମାଛ ବଜାରକୁ ଯିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯିବ। ନିୟମ ଉଲଂଘନ କରି ଯିଏ ରାସ୍ତାପାର୍ଶ୍ୱରେ ପୂର୍ବ ପରି ଆମିଷ ବିକ୍ରି କରିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାସ୍ତାପାର୍ଶ୍ୱରେ ମାଛ ବ୍ୟବସାୟକୁ ବନ୍ଦ କରିବା ଲାଗି ନୟାଗଡ଼ ପୌର ପରିଷଦ ପକ୍ଷରୁ ମାଛବଜାର ନିର୍ମାଣ କରାଯାଇଛି। ସେଥିପାଇଁ ୩ କୋଟି ଟଙ୍କା ୨୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୬୦ ଜଣ ଆମିଷ ବେପାରି ବସିବା ପାଇଁ ୬୦ଟି ପିଣ୍ଡି ନିର୍ମାଣ କରାଯାଇଛି। ପ୍ରତି ପିଣ୍ଡିରେ ବିଦ୍ୟୁତ ବୋର୍ଡ, ପାଣି ଟ୍ୟାପ୍ ଫ୍ୟାନ୍ ସହ ଆଲୋକ ବ୍ୟବସ୍ଥା ରହିଛି। ଏହାସହ ଏହି କୋଠାରେ ଆମିଷ ବ୍ୟବସାୟୀଙ୍କ ପାଇଁ ଏକ ଶୀତଳ ଭଣ୍ଡାର ବ୍ୟବସ୍ଥା କରାଯାଇଛି। ଯେଉଁଠାରେ ଆମିଷ ଦ୍ରବ୍ୟ ଅଧିକ ସମୟ ତାଜା ରହିପାରିବ। ଏଣୁ ଏହାର ନାମ ରଖାଯାଇଛି ଆଦର୍ଶ ସ୍ୱଚ୍ଛ ମାଛ ବଜାର। ସ୍ଥାନୀୟ ପରିବେଶ ଯେପରି ଆମିଷ ବିକ୍ରି ଯୋଗୁ ନ ବିଗିଡ଼ିବ, ସେଥିପ୍ରତି ପୌର ପ୍ରଶାସନ ପକ୍ଷରୁ ଏମିତି ପଦକ୍ଷେପ ନିଆଯାଇଛି। ମାତ୍ର ଏହି ବଜାର ଉଦ୍ଘାଟନ ହେବା ଦିନଠାରୁ ଖୋଲିନି। ଫଳରେ ଏବେ ବି ରାସ୍ତା ପାର୍ଶ୍ୱରେ ମାଛ, ମାଂସ ବିକ୍ରି ଚାଲିଛି। ବିଶେଷ କରି ତ୍ରିନାଥ ଛକଠାରୁ ନୟାଗଡ଼ ସ୍ୱୟଂଶାସିତ କଲେଜ ରାସ୍ତା ମଧ୍ୟରେ କଟା ଯାଉଥିବା ଛେଳି ଓ କୁକୁଡ଼ାକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଉଛି। ୨୦୨୧ରେ ଏହି ଯୋଜନା କରାଯାଇ ମାଛ ବଜାରର ଶୁଭାରମ୍ଭ କରାଯାଇଥିଲା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ ଉଦ୍ଘାଟନ କରାଯାଇଥିଲା। ଗୋଟିଏ ଜାଗାରେ ମାଛ ଓ ମାଂସ ଉପଲବ୍ଧ ହେଉଥିବାରୁ ଲୋକ ମାନଙ୍କୁ ଆଉ ଏଣେତେଣେ ଯିବାକୁ ପଡ଼ିବନିୟ ଫଳରେ ଆଉ ବିଳମ୍ବ ନକରି ଲଟେରି ପରେ ଖୁବ୍‌ଶୀଘ୍ର ଏହି ମାଛ ବଜାରକୁ ଖୋଲାଯାଉ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ମୁଣ୍ଡାପଲା ଗ୍ରାମରେ ଆଦିବାସୀ ଭବନ ନିର୍ମାଣ ପାଇଁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ଦ୍ୱାରା ଭୂମି ପୂଜନ

ପାଟଣାଗଡ଼ (ମହାଭାରତ) ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ଭଇଁଷା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାପଲା ଗ୍ରାମ ଠାରେ ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ମହାସଭା ସମାଜ ଇଷ୍ଟଦେବତା ବୁଢାଦେଓ ଙ୍କ ପୀଠ ଠାରେ ଏକ ଆଦିବାସୀ ଭବନ ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ନିରଞ୍ଜନ ବିଶି ଯୋଗଦେଇ ତାଙ୍କ କରକମଳରେ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ତଥା ଭୂମିପୂଜନ ଉତ୍ସବ ଅନୁଷ୍ଠିତ। ସମାଜ କୌଣସି ବୈଠକ ଗୃହ ନ ଥିବା ସମାଜ ର ବାର୍ଷିକ ପୂଜାନୋତ୍ସବ ଓ ବିଭିନ୍ନ ପର୍ବପର୍ବାଣି ରେ ବସିବା ପାଇଁ ଅସୁବିଧା ର ସମ୍ମୁଖୀନ ହେଉଥିବା ବେଳେ ଆଦିବାସୀ ଭବନ ନିର୍ମାଣ ପାଇଁ ସମାଜ ପକ୍ଷରୁ ସାଂସଦ ଶ୍ରୀ ବିଶି ଙ୍କୁ ଅବଗତ କରା ଯାଇଥିଲା । ଏହି ଆଦିବାସୀ ଭବନ ନିର୍ମାଣ ସାଂସଦ ତାଙ୍କ ନିଜସ୍ୱ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେବାର ପ୍ରତିଶୃତି ଦେବା ପରେ ଆଜି ସାଂସଦ ଶ୍ରୀ ବିଶି ଭୂମି ପୂଜନ କରିଥିବା ବେଳେ ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ମହାସଭା ପକ୍ଷରୁ ସାଂସଦ ଶ୍ରୀବିଶି ଙ୍କ ପ୍ରତୀଖୁସି ବ୍ୟକ୍ତ କରା ଯାଇଥିଲା।

ମାରଣାସ୍ତ୍ର ରେ ଆକ୍ରମଣକାରି ଯୁବକ କୋର୍ଟ ଚାଲାଣ

ଅସ୍ତରଙ୍ଗ, ମହାଭାରତ- ନୂଆଗଡ ଥାନା ଅନ୍ତର୍ଗତ ନାନପୁର ମୌଜାର ଶୁଭସାର୍ଥକ ପତି ଓରଫ ସିପୁନ୍ କୁ ସାମୁଦ୍ରିକ ଥାନା ପୁଲିସ୍ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ସେ ହରିହର ମହାନ୍ତି ନାମକ ଜଣେ ବ୍ୟକ୍ତିକୁ ଗାଳିମନ୍ଦ କରିବା ସହ ଛୁରୀରେ ଆକ୍ରମଣ କରିବା ଅଭିଯୋଗରେ ତାଙ୍କ ନାମରେ ସାମୁଦ୍ରିକ ଥାନାରେ ୫୪/୨୦୨୪ ରେ ଏକ ମାମଲା ରୁଜୁ ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ମିଳିଛି। ସୂଚନାନୁସାରେ ନାନପୁର ମୌଜାର ହରିହର ମହାନ୍ତି ଓ ରାକେଶ ନାୟକ ଏକ ମଟରସାଇକେଲ୍ ଯୋଗେ ଗତ ୧୦.୦୮.୨୪ ଦିନ ନିକଟରେ ଥିବା ପଡୋଶୀଙ୍କ ଘରକୁ ଯାଉଥିଲେ ନଦୀକୂଳ ଗାଦି ମଠ ନିକଟରେ ପହଞ୍ଚିବା କ୍ଷଣି ସେଠାରେ ପୂର୍ବରୁ ଛିଡା ହୋଇଥିବା ଶୁଭ ସାର୍ଥକ ପତି ଓରଫ ସିପୁନ୍ ହରିହରଙ୍କ ନାମ ଧରି ଡାକିଥିଲା ସେ ଛିଡା ହେବାରୁ ସିପୁନ୍ ତାଙ୍କୁ ହଠାତ ଅସଭ୍ୟ ଭାଷାରେ ଗାଳିମନ୍ଦ କରିବା,ଜୀବନରେ ମାରିଦେବାକୁ ଧମକ ଦେବା,ଏପରି କରିବାର କାରଣ ପଚାରନ୍ତେ ୨ରୁ ୩ ଚାପୁଡ଼ା ମାରିଥିଲା ହରିହରଙ୍କ ସହ ଥିବା ରାକେଶ ଏହାକୁ ବିରୋଧ କରନ୍ତେ ସେ ମଧ୍ୟ ଆକ୍ରୋଶର ଶିକାର ହୋଇ ଗାଳିମନ୍ଦ ଶୁଣିଥିଲେ ହଠା୍ ସିପୁନ୍ ପକେଟରୁ ଏକ ଛୁରୀ ବାହାର କରି ହରିହରକୁ ଆକ୍ରମଣ କରିବାରେ ସେ ଗୁରୁତ୍ୱର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରିବା ପରେ ସେ ଘଟଣା ସମ୍ପର୍କରେ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ଥାନାରୁ ଆଣି ଭଦ୍ର ଲୋକଙ୍କ ଜରିଆରେ ଆପୋଷ ସମାଧାନ ହେବାକୁ ଥିଲା ଗତ ୨୯.୦୮.୨୦୨୪ରେ ଆଲୋଚନା କରନ୍ତେ ତାହା କୌଣସିମତେ ସମାଧାନ ହୋଇପାରିନଥିଲା ଭଦ୍ର ଲୋକଙ୍କ ଉପସ୍ଥିତିରେ ସିପୁନ୍ ପୁଣି ଗାଳିମନ୍ଦ କରି ଆଇନ୍ ଅମାନ୍ୟ କରିବାରୁ ଆହତ ହରିହର ପୁନଃ ୩୧.୦୮.୨୪ରେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ସାମୁଦ୍ରିକ ଥାନାରେ ୫୪/୨୪ରେ ଏକ ମାମଲା ରୁଜୁହୋଇଥିଲା ଏହି ଘଟଣାରେ ସିପୁନ୍ ଗିରଫ ହେବା ସମେତ ତାକୁ ଆଜି କୋର୍ଟ ଚାଲାଣ କରିବା ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ସୂଚନା ଦେଇଛନ୍ତି ।

ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ବାଣପୁର କୋର୍ଟ ପରିସରରେ ଅନୁଷ୍ଠିତ

ବାଣପୁର :(ମହାଭାରତ)ଆଜି ବାଣପୁର କୋର୍ଟ ପରିସରରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅନ୍ତର୍ଗତ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ ମିଳିତ ଭାବେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଉଭୟ ବିଚାରପତି କୋର୍ଟ ପରିସରକୁ ସଫା ମଧ୍ୟ କରିଥିଲେ।ପ୍ରତ୍ୟେକ ଙ୍କ ପାଇଁ ସ୍ୱଚ୍ଛତା ଜରୁରୀୟ ପ୍ରତ୍ୟେକ ଅନୁଷ୍ଠାନ କିମ୍ବା ଗୃହ ପାଇଁ ସ୍ୱଚ୍ଛତା ନିତାନ୍ତ ଜରୁରୀ । ନିଜେ,ନିଜ ପରିବାର, ନିଜ ପରିସର ସ୍ୱଚ୍ଛ ରଖିଲେ ସମାଜ, ରାଜ୍ୟ ଓ ଦେଶ ମଧ୍ୟ ସ୍ୱଚ୍ଛ ଓ ସୁନ୍ଦର ହୋଇ ପାରିବ ବୋଲି ବିଚାରପତି ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ । ଏହି ଅବସରରେ ସ୍ୱଚ୍ଛତା ହିଁ ସେବା ଶପଥ ପାଠ କରାଯାଇଥିଲା। ଉକ୍ତ ସଫେଇ କାର୍ଯ୍ୟକ୍ରମରେ ବାଣପୁର କୋର୍ଟର ସମସ୍ତ କର୍ମଚାରୀ ମାନେ ଭାଗ ନେଇଥିଲେ।

ବନ୍ଦ ରହୁଛି ମାନଝରୀ ଡାକ ଘର: ଗ୍ରାହକ ମହଲରେ ଅସନ୍ତୋଷ

ଗୋଲାମୁଣ୍ଡା। (ମହାଭାରତ)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରୀ ଡାକ ସେବାର ଅନିୟମିତ ର ଚିତ୍ର ଦେଖିବାକୁ ମିଳିଛି।ସପ୍ତାହରେ କେଉଁ ଦିନ ଖୋଲାରହୁଚି ତାର ଠିକଣା ନାହିଁ। ଫଳରେ ମାନଝରି, ତୁମୁରା, କାନ୍ଦୁଲଡଙ୍ଗରୀ ଓ ଗ୍ରିଣ୍ଡୋଲ ଗ୍ରାମର ଲୋକେ ସେବା ପାଇବାରେ ବାଧାପ୍ରାପ୍ତ ହେଉଛି। ଏ ବିଷୟରେ ଡାକ ମାଷ୍ଟର ଙ୍କୁ ଫୋନ୍ ମାଧ୍ୟମରେ ପଚାରିବାରୁ ମୁଁ ଜଣେ ଷ୍ଟାଫ୍ ଅଛି,ସବୁଦିନ ଡାକ ଘର ଖୋଲି ପାରିବି ନାହିଁ, ମୁଁ ଫିଲ୍ଡ ରେ ଚାରି ଘଣ୍ଟା କାମ କରୁଛି ବୋଲି ମତ ରଖିଥିଲେ।ଯଦିତେବେ ସାଧାରଣ ଜନତା ତଥା ଗ୍ରାହକଙ୍କ ଙ୍କ ସୁବିଧା ଦୃଷ୍ଟିରୁ ସପ୍ତାହରେ କେଉଁ ଦିନ ଅଫିସ ଖୋଲାରହିବ ତାର ଚାଟ୍ ଅଫିସ୍ ସମ୍ମୁଖରେ ଦେଲେ ସୁବିଧା ହେବ ବୋଲି ମତ ପ୍ରକାଶ ପାଇଛି।

ଥାନା ପରିସର ରେ ସଫେଇ ଓ ବୃକ୍ଷରୋପଣ କଲେ ସମାଜସେବୀ ମହାସଂଘ

ଅନୁଗୋଳ,(ମହାଭାରତ):ଜିଲ୍ଲା ସମାଜସେବୀମହାସଂଘ ,ଅନୁଗୋଳ ତରଫରୁ ଏକ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଟାଉନ ଥାନା ପରିସରରେକରାଯାଇଛିୟ ଏଥିରେ ଆମ୍ବ, ପଣସ, ଅଁଳା, ପିସ୍ତା ବାଦାମ, ଅଶୋକ, ପିଜୁଳି ଆଦି ଗଛ ଲଗାଯାଇଛି ।ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ଅନୁଗୋଳ ଟାଉନ ଥାନା ର ଆଇ ଆଇ ସି ଶ୍ରୀ ଧିରେସ ଦାସ ଓ ବଅଁରପାଳ ଆଇ ଆଇ ସି ଶ୍ରୀ ଦୁଷ୍ମନ୍ତ କୁମାର ସିଂ ଙ୍କ ସହ ଟାଉନ୍ ଥାନା ର ସମସ୍ତ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସମାଜସେବୀ ମହାସଂଘ ତରଫରୁ ଆବାହକ ଚିନ୍ମୟୀ ଦାସ, ସଭାପତି ସୁଧାକର ସାହୁ, ଶେଷ ଜୀବନ ସାଥି(ବନ୍ଧା), ମାନବ ସେବାଶ୍ରମ(ଅନୁଗୋଳ), ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ(କାଣ୍ଡସର), ମାନବ ସେବା ମାଧବ ସେବା ଚାରିଟେବୁଲ୍ ଟ୍ରଷ୍ଟ(ଖଣ୍ଡହତା), ଉତ୍ସର୍ଗ ପରିବାର(ତାଳଚେର),ମା ଫାଉଣ୍ଡେସନ(ଚୌଦ୍ୱାର), କୋହିନୁର୍ କ୍ଲବ୍(ବଳରାମପ୍ରସାଦ)ଆଦି ଅନୁଷ୍ଠାନ ଯୋଗଦେଇଥିଲେ । ମହାସଂଘ ର ଏଭଳି କାର୍ଯ୍ୟ କୁ ଜନ ସାଧାରଣ ଓ ବୁଦ୍ଧିଜୀବୀ ଙ୍କ ମହଲରେ ଭୂରି ଭୂରି ପ୍ରଶଂସା କରାଯାଇଛି।

ପ୍ୟାକ୍ସ ଡାଟାଏଣ୍ଟ୍ରି ସଙ୍ଘ ର ନୂତନ କର୍ମକର୍ତ୍ତା ଚୟନ

ଆସିକା(ମହାଭାରତ):ଆସିକା ସମବାୟ ସମିତି ଅଧୀନ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ(ପ୍ୟାକ୍ସ) ଡାଟା ଏଣ୍ଟ୍ରି ସଂଘର ନୂତନ କର୍ମକର୍ତ୍ତା ଚୟନ ଆସିକା ଝଗଡେଇ ଶିବ ମନ୍ଦିର ଠାରେ ସଙ୍ଘର ପୂର୍ବତନ ସଭ୍ୟ ଜିତେନ୍ଦ୍ର ନାହାକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସିକା ସର୍କଲ ଅଧୀନ ଆସିକା ସଦର, ବୁଗୁଡ଼ା, ଜଗନ୍ନାଥପ୍ରସାଦ, ସୋରଡ଼ା, ଧରାକୋଟ, ଭଞ୍ଜନଗର, ବେଲଗୁଣ୍ଠା,ଶେରଗଡ଼ ଆଦି ସମିତିର ଡାଟା ଏଣ୍ଟ୍ରି ଅପରେଟର ଉପସ୍ଥିତ ରହିଥିଲେ।ୟ ଏହି ବୈଠକ ରେ ସର୍ବ ସମ୍ମତି କ୍ରମେ ସଙ୍ଘର ସଭାପତି କୃଷ୍ଣ ଚନ୍ଦ୍ର ଡାକୁଆ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଜଗଦୀଶ ଗୌଡ଼, କୋଷାଧକ୍ଷ ପୂର୍ଣଚନ୍ଦ୍ର ସାହୁ ଙ୍କୁ ଚୟନ କରାଯାଇଛି। ପ୍ରକାଶ ଥାଉକି ଏହି ପଦବୀ ଗୁଡିକ ୨୦୧୫ ମସିହାରୁ କାର୍ଯ୍ୟକାରୀ ହେଉଛି। ଆସିକା ସର୍କଲ ଅଧୀନରେ ୧୨୫ଜଣ ଅପରେଟର କାର୍ଯ୍ୟରତ ଅଛନ୍ତି। ଏହି ବୈଠକରେ ଆସିକା ସଦର ଜିତେନ୍ଦ୍ର ନାହାକ,ଗୋବିନ୍ଦ ଭୋଳ,ସୋରଡ଼ାର ଗଣେଶ ପାତ୍ର,ଅଜୟ ପାତ୍ର,ଜଗନ୍ନାଥପ୍ରସାଦର ଜିତେନ୍ଦ୍ର ମଲ୍ଲିକ,ଗଙ୍ଗାଧର ପାଣ୍ଡ,ବେଲଗୁଣ୍ଠା ର ଦେବାଶିଷ ସାମଲ ,ସୌମ୍ୟରଂଜନ ଗୌଡ଼,ଧରାକୋଟର ସନ୍ତୋଷ ପ୍ରଧାନ,ଅମୀୟବାଳା ସ୍ୱାଇଁ,ଲକ୍ଷ୍ମୀ ଦାସ, ଭଞ୍ଜନଗରର ଶିବରାମ ନାୟକ ଶେରଗଡ଼ ର ଜଗଦିଶ ମହାରଣା,ବୁଗୁଡ଼ାର ରାଘବ ଖଣ୍ଡେଇ,ଦଣ୍ଡପାଣି ଗୌଡ଼ ସମେତ ବହୁ ଡାଟା ଏଣ୍ଟ୍ରି ଅପରେଟର ଉପସ୍ଥିତ ଥିଲେ।

ନିଖୋଜ ମତ୍ସ୍ୟଜୀବି ଙ୍କ ମୃତ ଶରୀର ଜେଠି ରୁ ଉଦ୍ଧାର

ଅସ୍ତରଙ୍ଗ,ମହାଭାରତ: - ପୁରୀ ଜିଲ୍ଲା ଅସ୍ତରଙ୍ଗ ନୂଆଗଡ ମାଛ ଧରା ବନ୍ଦର ଜେଠି ନିକଟରେ ରବିବାର ଦିନ କିଛି ମତ୍ସ୍ୟଜୀବି ସମୁଦ୍ର ରୁ ମାଛ ଧରିବାକୁ ଜୀବା ସମୟ ରେ ଭାସମାନ ଅବସ୍ଥା ରେ ଏକ ମୃତ ଶରୀର କୁ ଦେଖି ତାକୁ ଟାପା ମାଧ୍ୟମ ରେ କୂଳ କୁ ଆଣି ମେରାଇନ ପୋଲିସ କୁ ସୂଚନା ପ୍ରଦାନ କରିଥିଲେ। ଉକ୍ତ ଶରୀର ଟି ନଗର ପଞ୍ଚାୟତ କାଳିଆକଣ ଗ୍ରାମ ର ଗାଣ୍ଡୁ ବେହେରା (୫୦) ବୋଲି ଜଣାପଡିବା ପରେ, ଗାଣ୍ଡୁ ଙ୍କ ପୁତୁରା ପ୍ରକାଶ ବେହେରା ମେରାଇନ ଥାନା ରେ ଏକ ଏତଲା ଦେଇଛନ୍ତି । ଏତଲା ର ସୂଚନା ମୁତାବକ ଗତ ୨୭ ତାରିଖ ଦିନ ସମୁଦ୍ର କୁ ମାଛ ମାରିବାକୁ ଟାପା ବୋଟ ରେ ଗାଣ୍ଡୁ ଯାଇଥିଲେ, ଝଡ଼ ତୋଫାନ କାରଣ ରୁ ଟାପା ରୁ ସମୁଦ୍ର ରେ ଗାଣ୍ଡୁ ପଡିଯାଇଥିଲେ, ଅନ୍ୟ ମାନେ ସେହି ନିକଟରେ ଖୋଜାଖୋଜି କରି ପାଇନଥିଲେ ଓ ପରବର୍ତ୍ତୀ ମୁହୂର୍ତ୍ତ ରେ ସାମୁଦ୍ରିକ ଥାନା ରେ ଜଣାଇଥିଲେ, କିନ୍ତୁ ଆଜି ଗାଣ୍ଡୁ ଙ୍କ ମୃତ ଶରୀର କୂଳ ନିକଟରେ ମିଳିଛି, ପାଇଥିବା ଏତଲା କୁ ଭିତ୍ତି କରି ନୂଆଗଡ ସାମୁଦ୍ରିକ ଥାନା ତରଫରୁ ୨/୨୪ ରେ ୟୁ. ଡି କେଶ ରେ ମାମଲା ପଞ୍ଜିକରଣ କରାଯାଇ ଗାଣ୍ଡୁ ବେହେରା ଙ୍କ ମର ଶରୀର ର ଶବବ୍ୟବଛେଦ କରିବା ନିମନ୍ତେ ଚରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଯାଇଛି, ଏହି ଘଟଣା ବାବଦରେ ଅସ୍ତରଙ୍ଗ ନୂଆଗଡ ସାମୁଦ୍ରିକ ଥାନା ର ଉପ-ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ପ୍ରଦାନ କରିଛନ୍ତି।

ପୌରପାଳିକା ତରଫରୁ ଆୟୋଜିତ ହେଲା ପଥ ଉତ୍ସବ

ରାଇରଙ୍ଗପୁର (ମହାଭାରତ): ଚଳିତ ମାସ ୧୭ ତାରିଖ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଦେଶ ବ୍ୟାପି ସ୍ୱଚ୍ଛତା ହିଁ ସେବା ଅଭିଯାନ ପରିପ୍ରେକ୍ଷୀରେ ଏହି ଅଭିଯାନ କୁ ଜନ ଆଦୃତ କରିବା ତଥା ପରିବେଶ କୁ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନ ସୃଷ୍ଟି କରିବା ସହିତ ଲୋକଙ୍କ ନିକଟରେ ଏହାକୁ ପହଂଚାଇବା ପାଇଁ ରାଇରଙ୍ଗପୁର ପୌରପାଳିକା ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚେଷ୍ଟା ଜାରି ରହିଛି। ଏହି କ୍ରମରେ ଆଜି ପୌରପାଳିକା ତରଫରୁ ସ୍ଥାନୀୟ ମାଉସୀ'ମା ମନ୍ଦିର ଠାରୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ପଥ ଉତ୍ସବ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରୀ ଓ ବିଭିନ୍ନ ବର୍ଗର ଶତାଧିକ ମହିଳା ମାନେ ରଙ୍ଗବେରଙ୍ଗ ମୁରୁଜ ଦ୍ୱାରା ସ୍ୱଚ୍ଛତା ହିଁ ସେବା ଉପରେ ପ୍ରତୀକାତ୍ମକ ଚିତ୍ର ଆଙ୍କି ଉକ୍ତ ଚିତ୍ରରେ ବିଭିନ୍ନ ଶିକ୍ଷଣୀୟ ଉକ୍ତି ଉଲ୍ଲେଖ କରି ସମାଜ କୁ ସଚେତନଧର୍ମୀ ବାର୍ତ୍ତା ମାନ ଦେଇଥିଲେ ।ଏଥିସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ର ଛାତ୍ରୀ ଓ ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ବିଷୟବସ୍ତୁ ଉପରେ ଆଧାରିତ ସଂଗୀତ ଓ ନୃତ୍ୟ ଇତ୍ୟାଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା. ଉକ୍ତ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସ୍ୱଚ୍ଛତା ସ୍ୱଭା ଦ୍ୱାରା ପରିବେଶ କୁ କିପରି ପ୍ରଦୂଷଣ ମୁକ୍ତ କରାଯାଇପାରିବ ଏବଂ ଦୈନନ୍ଦିନ ଜୀବନ ରେ ୧୨୦ ମାଇକ୍ରୋନ ରୁ କମ ମୋଟେଇ ପ୍ଲାଷ୍ଟିକ ସାମଗ୍ରୀ ର ବହୁଳ ବ୍ୟବହାରଯୋଗୁଁ ଏହାର ଭୟାଭୟତା ବିଷୟ ରେ ଅବଗତ କରାଇବା ସହ ଏହି ବର୍ଗର ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରରୁ ନିବୃ□ ସକାଶେ ସାମୁହିକ ସଂକଳ୍ପ ନେବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ ଏବଂ ରାଇରଙ୍ଗପୁର ସହରକୁ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ ସହର ଭାବେ ଗଢି ତୋଳିବା ସହ ବିକଶିତ ଓଡିଶା ଗଠନ ରେ ସମସ୍ତଙ୍କ ସହାଭାଗୀତା ପାଇଁ ସମାଜର ସବୁ ବର୍ଗ ର ଲୋକଙ୍କ ସହଯୋଗ କାମନା କରିଥିଲେ. ଏହି ଅବସରରେ ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ ପୌରପାଳିକା ତରଫରୁ ଏହି ଅଭିଯାନ ରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ବିଷୟରେ ଉଲ୍ଲେଖ କରିବା ସହିତ ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ନୀତି କୁ ଆପଣାଇ ସ୍ୱଚ୍ଛ ରାଇରଙ୍ଗପୁର ତଥା ସ୍ୱଚ୍ଛ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ତେଲୁଗୁ ଦୋରା ସମାଜ ମହାସଭା ର ପ୍ରସ୍ତୁତି ବୈଠକ

ଆସିକା (ମହାଭାରତ): ନିଖିଳ ଉତ୍କଳ ତେଲୁଗୁ ଦୋରା ସମାଜର ମହାସଭା ପାଇଁ ପ୍ରସ୍ତୁତି ବୈଠକ ଆସିକା କଳିଙ୍ଗ ରୋଡ଼ ସ୍ଥିତ କୂଳ ସମାଜ କୋଠ ଘର ଠାରେ ଅନୁଷ୍ଠିତ ହୋଇଯାଇଛି ।ଗଞ୍ଜାମ ଜିଲ୍ଲା ର କେନ୍ଦ୍ରୀୟ ସଭାପତି ମଦନ ଗୋପାଳ ଦୋରାଙ୍କ ସଭାପତିତ୍ୱ ରେ ମହାସଭା ଆଗାମୀ ଦିନରେ କିଭଳି କରାଯିବ ସେଥି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଜି. ଗୋପାଳ ରାଓ ଦୋରା, ମହିଳା ସଭାନେତ୍ରୀ ମହାଶ୍ୱେରୀ ଦୋରା, ଉପ ସଭାପତି ରଘୁନାଥ ଦୋରା ଏବଂ ଶ୍ୟାମ ସୁନ୍ଦର ଦୋରା, ଯୁଗ୍ମ ସମ୍ପାଦକ ରାଜା ବାବୁ ଦୋରା, କେନ୍ଦ୍ରୀୟ ଯୁବ ସଭାପତି ବି. ମନୋଜ କୁମାର ଦୋରା, ଆସିକା ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ପ୍ରମୁଖ ଉପସ୍ଥିତ ରହିଥିଲେ । ସର୍ବ ସମ୍ମତି କ୍ରମେ ଏହି ମହାସଭା ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବା ପାଇଁ ବୈଠକ ରେ ସ୍ଥିର କରାଯାଇଛି ।ଏହି ସଭା ରେ ଆସିକା ସର୍କଲ ସଭାପତି ବି ମୋହନ ରାଓ ଦୋରା, ବରଗାଁ ସର୍କଲ ସଭାପତି ରାମା ରାଓ ଦୋରା, ଗୋଳିଆ ସର୍କଲ ସଭାପତି ଶଙ୍କର ରାଓ ଦୋରା, ଅଢେଇ ଗାଁ ସର୍କଲ ସଭାପତି ଭେଙ୍କଟ ରାଓ ଦୋରା,ବ୍ରହ୍ମପୁର ସର୍କଲ ସଭାପତି ନନ୍ଦ କୁମାର ଦୋରା ଏବଂ ସମ୍ପାଦକ ଦେବେନ୍ଦ୍ର ଦୋରା, ଖଲ୍ଲିକୋଟ ପୂର୍ବତନ ବ୍ଲକ ଅଧକ୍ଷ ରାଧା ଶ୍ୟାମ ଦୋରା, କେନ୍ଦ୍ରୀୟ କୋଷଧକ୍ଷ କ୍ରିଷ୍ଣକ ରାଓ ଦୋରା,ଅଢେଇ ଗାଁ ଭେଙ୍କଟ ରମଣ ଦୋରା, ଆସିକା ର ।ଲରାଜ ଦୋରା, ସମେତ ୨୫ ଗୋଟି ସର୍କଲ ସଭାପତି, ସମ୍ପାଦକ, ସମେତ ବହୁ କେନ୍ଦ୍ରୀୟ କମିଟି ଉପସ୍ଥିତ ଥିଲେ ।

ବିଜେପିର ସରକାର ହେଲେ ପିଓକେକୁ ଜମ୍ମୁକାଶ୍ମୀରରେ ସାମିଲ କରିବୁ

ନୂଆଦିଲ୍ଲୀ,୨୯।୯ : ଜମ୍ମୁକାଶ୍ମୀରର ରାମଗଢରେ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଏହି ସମୟରେ ଯୋଗୀ ଆଦିତ୍ୟନାଥ ଘାଟିର ଲୋକଙ୍କୁ ଏକ ବଡ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି ଯେ ଯଦି ବିଜେପି କ୍ଷମତାକୁ ଫେରେ, ତେବେ ପାକିସ୍ତାନ ଅକ୍ତିଆର କରିଥିବା କାଶ୍ମୀର (POK) ଜାମ୍ମୁ କାଶ୍ମୀରର ଏକ ଅଂଶ ହେବ । ଯୋଗୀ କହିଛନ୍ତି ଯେ, ବିଜେପି ଏଠାରେ କ୍ଷମତାକୁ ଫେରିବା ପରେ ପାକିସ୍ତାନ ଦଖଲ କରିଥିବା କାଶ୍ମୀର ମଧ୍ୟ ଜାମ୍ମୁ କାଶ୍ମୀରର ଏକ ଅଂଶ ହେବ । ଏହା ପାକିସ୍ତାନରେ ଉତ୍ତେଜନା ସୃଷ୍ଟି କରୁଛି, ସେମାନେ ସେମାନଙ୍କର ଗଣତନ୍ତ୍ରକୁ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି । ସିଏମ ଯୋଗୀ କହିଛନ୍ତି ଯେ, ଗୋଟିଏ ପଟେ ଭାରତ ଏବଂ ଅନ୍ୟ ପଟେ ପାକିସ୍ତାନ ଅଛି, ସେଠାରେ ଖାଦ୍ୟର ଅଭାବ ରହିଛି, ସ୍ୱାଭାବିକ ଭାବରେ ଗରିବ ପାକିସ୍ତାନ ଆଜି ନିଜକୁ ସମ୍ଭାଳି ପାରୁ ନାହିଁ । ପାକିସ୍ତାନ ଦଖଲ କରିଥିବା କାଶ୍ମୀର ଏଥିରୁ ଅଲଗା ହେବା ପାଇଁ ସ୍ୱର ଉତ୍ତୋଳନ କରୁଛି । ପିଓକେର ଲୋକମାନେ କହୁଛନ୍ତି ଯେ, ଜାମ୍ମୁ କାଶ୍ମୀର ନିର୍ବାଚନରେ ମଧ୍ୟ ଭାଗ ନେବାକୁ ଆମର ଅଧିକାର ଅଛି । ବାଲୁଚିସ୍ତାନ କହୁଛି ଆମର କେମିଷ୍ଟ୍ରି ପାକିସ୍ତାନ ସହ ମେଳ ଖାଉ ନାହିଁ । କାରଣ ପାକିସ୍ତାନ ମାନବିକତାର ଶତ୍ରୁ, ଏହା ମାନବିକତାର କ୍ୟାନସର ଅଟେ । ବିଶ୍ୱ ଏହି କ୍ୟାନସର ରୋଗରୁ ମୁକ୍ତ ହେବା ଜରୁରୀ । ଜନସଭାକୁ ସମ୍ବୋଧିତ କରିବାବେଳେ ସିଏମ୍ ଆଦିତ୍ୟନାଥ କହିଛନ୍ତି ଯେ, ମୁଁ ରାହୁଲ ଗାନ୍ଧୀଙ୍କୁ ପଚାରିବାକୁ ଚାହୁଁଛି କି, ନ୍ୟାସନାଲ କନଫରେନ୍ସ ଜାମ୍ମୁ କାଶ୍ମୀର ପାଇଁ ଯେଉଁ ଅଲଗା ପତାକା ବିଷୟରେ କହିଛି, ତାହାକୁ କଂଗ୍ରେସ ସମର୍ଥନ କରୁଛି କି ? ଆର୍ଟିକିଲ୍ ୩୭୦ ଏବଂ ୩୫ଇ ଫେରାଇ ଆଣିବା ଏବଂ ଜାମ୍ମୁ କାଶ୍ମୀରକୁ ଅଶାନ୍ତି ଏବଂ ଆତଙ୍କବାଦ ଯୁଗରେ ପହଞ୍ଚାଇବା ପାଇଁ ରାହୁଲ ଗାନ୍ଧୀ ନ୍ୟାସନାଲ କନଫରେନ୍ସ ଦାବିକୁ ସମର୍ଥନ କରୁଛନ୍ତି କି ? ସିଏମ୍ ଯୋଗୀ କହିଛନ୍ତି ଯେ ସେ କଂଗ୍ରେସ, ପିଡିପି କିମ୍ବା ନ୍ୟାସନାଲ କନଫରେନ୍ସ ଯିଏ ବି ହେଉ, ସମସ୍ତେ ଜାମ୍ମୁ କାଶ୍ମୀରକୁ ଆତଙ୍କବାଦର ଏକ ଗୋଦାମରେ ପରିଣତ କରିଛନ୍ତି । କେନ୍ଦ୍ରରେ ବିଜେପି ସରକାର ଗଠନ ପରେ ଏଠାରେ ବିକାଶମୂଳକ କାର୍ଯ୍ୟ କରାଯାଇଛି । ଧାରା ୩୭୦ ରଦ୍ଦ କରି ଏଠାରେ ସମୃଦ୍ଧତା ଆଣିବା ପାଇଁ କାର୍ଯ୍ୟ କରାଯାଇଛି ।

ବିଲକିସ୍ ମାମଲାରେ ଗୁଜରାଟ ସରକାରଙ୍କ ପୁନର୍ବିଚାର ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୯।୯ : ଗୁଜରାଟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଠାରୁ ବଡ଼ ଝଟକା ଲାଗିଛିଯ ବିଲ୍କିସ୍ ବାନୋ ମାମଲାରେ ଦୋଷୀମାନଙ୍କୁ ମୁକ୍ତ କରିବା ସଂକ୍ରାନ୍ତ ଆଦେଶରେ ଦିଆଯାଇଥିବା ମନ୍ତବ୍ୟକୁ ହଟାଇବାକୁ ମନା କରିଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଏ ନେଇ ଗୁଜରାଟ ସରକାର କରିଥିବା ପୁନର୍ବିଚାର ଆବେଦନକୁ ଖାରଜ କରିଦେଇଛନ୍ତି । ୨୦୦୨ ଦଙ୍ଗା ସମୟରେ ହୋଇଥିବା ବିଲକିସ୍ ବାନୋ ଦୁଷ୍କର୍ମ ମାମଲାର ୧୧ ଜଣ ଦୋଷୀଙ୍କୁ ସମୟ ପୂର୍ବରୁ ମୁକ୍ତ କରିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଗତ ବର୍ଷ ଖାରଜ କରିଦେଇଥିଲେ ସୁପ୍ରିମକୋର୍ଟ । ଏହି ରାୟରେ କୋର୍ଟ ଗୁଜରାଟ ସରକାରଙ୍କ ବିରୋଧରେ କେତେକ ମନ୍ତବ୍ୟ ଦେଇଥିଲେ । ସେସବୁ ମନ୍ତବ୍ୟ ଅନାବଶ୍ୟକ ବୋଲି ଦର୍ଶାଇ ସେଗୁଡ଼ିକର ପୁନର୍ବିଚାର କରିବାକୁ ଗୁଜରାଟ ସରକାର ଆବେଦନ କରିଥିଲେ । ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ଗୁଜରାଟ ସରକାରଙ୍କ ଆବେଦନରେ ଦର୍ଶାଯାଇଥିଲା ଯେ ସୁପ୍ରିମ୍ କୋର୍ଟ ତାଙ୍କ ଆଦେଶରେ କଠୋର ମନ୍ତବ୍ୟ ଦେଇ କହିଛନ୍ତି ଯେ ଗୁଜରାଟ 'ଅଭିଯୁକ୍ତଙ୍କ ସହ ମିଶିଛି ଏବଂ ଅନ୍ୟାୟକାରୀଙ୍କ ସହ ବୁଝାମଣା କରିଛି'। ପିଟିସନରେ ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଅଦାଲତଙ୍କ ମନ୍ତବ୍ୟ କେବଳ ଅନୁପଯୁକ୍ତ ନଥିଲା ବରଂ ମାମଲାର ରେକର୍ଡ ବିରୁଦ୍ଧରେ ଥିଲା, ବରଂ ଆବେଦନକାରୀ – ଗୁଜରାଟ ସରକାରଙ୍କ ପ୍ରତି ମଧ୍ୟ ପକ୍ଷପାତିତା କରୁଛି। କିନ୍ତୁ ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରିନଥିଲେ ।

ସ୍ୱଚ୍ଛତା ହିଁ ସେବା ଓ ବୃକ୍ଷ ରୋପଣ ଅନୁଷ୍ଠିତ

ଜି. ଉଦୟଗିରି,(ନିପ୍ର): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପଦ କେନ୍ଦ୍ର ନିକଟରେ କରାଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଭିନ୍ନ ଛାଇ ପ୍ରଦାନକାରୀ ବୃକ୍ଷ ଏବଂ ଫଳ ପ୍ରଦାନକାରୀ ବୃକ୍ଷ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ

ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ୍, କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, କାଉନସିଲର ସିଦ୍ଧେଶ୍ୱରୀ ନାୟକ, ନନ୍ଦିତା ପ୍ରଧାନ, ସମସ୍ତ ଅଫିସ୍ ଷ୍ଟାଫ୍, ସ୍ୱଚ୍ଛ ସାଥି, ସ୍ୱଚ୍ଛ କର୍ମୀ, ଟିଆରପି, ମିଶନ ଶକ୍ତି ଗ୍ରୁପ୍ ସଦସ୍ୟା, ବୁଦ୍ଧିଜୀବି ଉପସ୍ଥିତ ଥିଲେ ଏବଂ ବୃକ୍ଷରୋପଣ କରିଥିଲେ।

ଶୋଚନୀୟ ହୋଇପଡିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା

ବାଲେଶ୍ୱର,(ନିପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ତୁଡିଗଡିଆ ଠାରୁ ଆନନ୍ଦପୁର ଭାୟା ମାଖନପୁର ଲମ୍ବ ୪ କିଲୋମିଟର ୭୫୩ ମିଟର । ରକ୍ଷଣାବେକ୍ଷଣ ଓ ଡିଫେକ୍ଟ ଦାୟିତ୍ୱ କାର୍ଯ୍ୟ ସରିବା ଠାରୁ ୫ ବର୍ଷ ବୋଲି ସୂଚନା ଫଳକରେ ଉଲ୍ଲେଖ ଅଛି। କାର୍ଯ୍ୟ ଆରମ୍ଭ ତାରିଖ ୦୧/୮/୨୦୨୨ ଓ ଶେଷ ତାରିଖ ୩୧/୭/୨୦୨୩ ମସିହା, ବ୍ୟୟ ଅଟକଳ ମୂଲ୍ୟ ୨ କୋଟି ୯୦ ଲକ୍ଷ ୪୦ ହଜାର ୫୦୩ ଟଙ୍କା, ରକ୍ଷଣାବେକ୍ଷଣ ଅଟକଳ ମୂଲ୍ୟ ୨୪ ଲକ୍ଷ ୭ ହଜାର ୭୪୦ ଟଙ୍କା, କାର୍ଯ୍ୟ ତଦାରଖକାରୀ- ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ, ବାଲେଶ୍ୱର-୨ ଯାହା ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ବୋଲି ସୂଚନା ଫଳକରେ ଉଲ୍ଲେଖ ଅଛି । ରକ୍ଷଣାବେକ୍ଷଣ କାର୍ଯ୍ୟର ବିସ୍ତୃତ ବାର୍ଷିକ ବିବରଣୀ ହେଉଛି ବର୍ଷାଋତୁ ପରେ ୧ଥର ଘାସ, ଡାଳପତ୍ର କାଟି ସଫା କରିବା, ପାଣି କଟା ଓ ଧାରର ମରାମତି ବର୍ଷାଋତୁ ପରେ ୧ ଥର, ଦରକାର ଅନୁସାରେ ପିଚୁ ରାସ୍ତାର ଉଭୟ ପାର୍ଶ୍ୱ ସୋଲଡର ମରାମତି, ପିଚୁ ରାସ୍ତାର ଗର୍ଭ ଓ ଫାଟର ମରାମତି, କିମି ଖୁଣ୍ଟି ଓ ସାଇନବୋଡ ମରାମତି, ନିର୍ମିତ ପୋଲର ମରାମତି ୨ଥର, କଂକ୍ରିଟ୍ ନାଳ ମରାମତି ୨ଥର ଓ ଶଙ୍ଗ ପୋଲରେ ଧଳାରଙ୍ଗ ଦେବା ୧ଥର ଉଲ୍ଲେଖ ଅଛି। ଖଇରା ବ୍ଲକ ଗଗନଧୁଳି ଗ୍ରାମର ଠିକାଦାର ଅମଳ କୁମାର ପଣ୍ଡା ଉକ୍ତ ରାସ୍ତା ନିର୍ମାଣ କରିଛନ୍ତି। କିନ୍ତୁ ସୂଚନା ଫଳକରେ ଲେଖା ଲେଖି ଦିଆଗଲା ଜନସାଧାରଣଙ୍କ ଅବଗତି ନିମନ୍ତେ ହେଲେ ବର୍ତ୍ତମାନ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ପୂର୍ଣ୍ଣ ରାସ୍ତାଟି ଲୋକମାନଙ୍କ ଯିବା ଆସିବା ନିମନ୍ତେ ଅନୁପଯୁକ୍ତ ହୋଇଛି। ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମି ରହୁଛି, ଖାଲଖମା ଜଣା ପଡୁନାହିଁ । ଅନେକ ଲୋକ ଖାଲରେ ପଡି ଖଣ୍ଡିଆ ଖାବରା ହେଉଥିବାର ନଜିର ଅଛି । ବିଶେଷତଃ ସ୍କୁଲ କଲେଜ ପିଲା ମାନେ ଅଜଣା ଖାଲରେ ପଡି ଡ୍ରେସ ଖରାପ ହେତୁ ପାଠ ପଢାରୁ ବଞ୍ଚିତ ହେଉଛନ୍ତି। ବେଳେବେଳେ ଅଜଣା ଗାଡ଼ିର ପାଣି ଛିଟାରେ ଲୋକଙ୍କ ପୋଷାକ ନଷ୍ଟ ହେବା ଦ୍ୱାରା ଜରୁରୀ କାର୍ଯ୍ୟ ସଫଳ ହେଉନାହିଁ । ଠିକାଦାରଙ୍କ ମନମୁଖି, ନିମ୍ନମାନର କାର୍ଯ୍ୟ ଓ ମରାମତି ପାଇଁ ରାସ୍ତା ନିର୍ମାଣ ୨ ବର୍ଷ ନପୁରୁଣୁ ଯଦି ଏଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଜନସାଧାରଣ ତାହେଲେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ ହେବାର ମାନେ କ'ଣ ? ସରକାର ବଦଳିଲା ହେଲେ ବଦଳିଲା ନାହିଁ ରାସ୍ତାର ଅବସ୍ଥା । ଲୋକଙ୍କ ସମସ୍ୟା କ'ଣ ସମସ୍ୟାରେ ରହିଯିବ ? ଏହାର ଉପଯୁକ୍ତ ଭିଜିଲାନ୍ସ ତଦନ୍ତ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

ଖଣ୍ଡହତା କଲେଜରେ ଡାକମଣ୍ଡଳ ସ୍ତରୀୟ ଡାକମେଳା

ଉଲୁଣ୍ଡା,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ରବିନ୍ଦ୍ରନାଥ ଜୁନିଅର କଲେଜ ଠାରେ ବଲାଙ୍ଗୀର ଡାକ ମଣ୍ଡଳସ୍ତରୀୟ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଡାକ ମଣ୍ଡଳ ଅଧିକ୍ଷକ ଦେବପ୍ରସାଦ ଶତପଥି ଯୋଗ ଦେଇ ବର୍ତ୍ତମାନ ଡାକସେବା କିପରି ଲୋକଙ୍କ ଦ୍ୱାରାଦେଶ ପହଂଚି ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ପୁରୁଷୋତ୍ତମ ମିଶ୍ର, ସୋନପୁର ଡାକ ନିରୀକ୍ଷକ ଅଭିଳାଷ ପଣ୍ଡା,ସତ୍ୟବ୍ରତ ପଧାନ, ସଞ୍ଜୟ କୁମାର ମିଶ୍ର, ଜଗବନ୍ଧୁ ବେରିହା ପ୍ରମୁଖ ଯୋଗ ଦେଇ ଡାକ ବିଭାଗର ବିଭିନ୍ନ ସେବା ବିଷୟରେ ଆଲୋଚନା କରିଥିଲେ। ଖଣ୍ଡହତା ଶାଖାଡାକପାଳ ଶରତ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ଶଙ୍ଖୁଆ ସଭା ସଂଯୋଜନା କରିଥିଲେ। ଏଥିରେ କଲେଜର ଛାତ୍ର, ଛାତ୍ରୀ, ପଂଚାୟତ ର ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଡାକ କର୍ମଚାରୀ ମାନେ ଯୋଗ ଦେଇଥିଲେ।

ଧଣିଆଁ ଓ ଲଙ୍କା ଚାଷୀଙ୍କୁ ଉଦ୍ୟାନ ବିଭାଗର ପ୍ରୋତ୍ସାହନ

ପାଟଣା,(ନିପ୍ର): ଘଟଗାଁ ବ୍ଲକ ଅଞ୍ଚଳରେ ଧଣିଆଁ ଓ ଲଙ୍କା ଚାଷୀଙ୍କୁ ଉଦ୍ୟାନ ବିଭାଗ ପ୍ରୋତ୍ସାହନ ଯୋଗାଇ ଦେଉଥିବା ସୂଚନା ଦେଇଛି। ଚାଷୀମାନେ ନିଜ ୫୦ ଡିସିମିଲ ଜମିରେ ଉଦ୍ୟାନ ବିଭାଗରୁ ୩କେଜି ଧଣିଆଁ ବିହନ ନେଇ ଚାଷ କଲେ ଚାଷୀଙ୍କୁ ୨୩ ଶହ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ ବୋଲି ସୂଚନା ଦିଆଯାଇଛି। ଚାଷୀ ମାନଙ୍କୁ ଧଣିଆଁ ବିହନ ପାଇଁ ୪୧୦ ଟଙ୍କା ବିଭାଗକୁ ଦେବାକୁ ପଡ଼ିବ । ସେହିପରି ୫୦ ଡିସିମିଲ ଜମିରେ ୨ ଶହ ଗ୍ରାମ ଉନ୍ନତ ମାନର ଲଙ୍କା ବିହନ ନେଇ ଚାଷ କଲେ ଚାଷୀ ମାନଙ୍କୁ ୪୭ ଶହ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ତେବେ ଲଙ୍କା ବିହନ ପାଇଁ ଚାଷୀଙ୍କୁ ୨୨୩ ଟଙ୍କା ଦେବାକୁ ପଡିବ। ସେହିପରି ଜମିରୁ ପନିପରିବା ସଂଗ୍ରହ ପାଇଁ ରିହାତି ମୂଲ୍ୟ ମାତ୍ର ୫୫ ଟଙ୍କା ମୂଲ୍ୟରେ ପ୍ଲାଷ୍ଟିକ କ୍ରେଟ୍ ଉଦ୍ୟାନ ବିଭାଗ ଚାଷୀ ମାନଙ୍କୁ ଯୋଗାଇ ଦେବ ବୋଲି ଘଟଗାଁ ବ୍ଲକ ସ୍ଥିତ ଉଦ୍ୟାନ ବିଭାଗ ଟିକିରା ନର୍ସରୀ ପକ୍ଷରୁ ସୂଚନା ଦିଆଯାଇଛି।

ଆଇନ ଅନୁସାରେ ଗର୍ଭ ସଂଚାର ଭ୍ରୂଣକୁ ଶିଶୁର ମାନ୍ୟତା ମିଳେ

ଯାଜପୁର, (ନିପ୍ର): ଆଇନ ଅନୁସାରେ ଗର୍ଭ ସଂଚାର ଭ୍ରୂଣକୁ ମଧ୍ୟ ଶିଶୁ ମାନ୍ୟତା ମିଳେ । ଜିଲ୍ଲା ଓ ଦୈରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମୃତ ରଂଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ ସମ୍ବନ୍ଧୀୟ ଏକ ଆଇନ ସଚେତନତା ସଭାରେ ଏହି ମତ ପ୍ରକାଶ ପାଇଛି । ଯାଜପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମୃତ ରଂଜନ ନନ୍ଦ ଯୋଗ ଦେଇ ସଭାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଆଇନର ବିଭିନ୍ନ ଦିଗ ବିଷୟରେ ସମ୍ୟକ ଧାରଣା ଦେଇଥିଲେ । ଆଇନ ଆଖିରେ ଶିଶୁ କହିଲେ ଗର୍ଭ ସଂଚାରଠାରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ବାଳକ ବାଳିକା ଉଭୟ ଶିଶୁଙ୍କୁ ବୁଝାଏ, ଏହି ବୟସର ଶିଶୁକୁ ବିଶେଷ କରି କନ୍ୟା ଶିଶୁ ମାନଙ୍କ ପ୍ରତି ବଢି ଚାଲିଥିବା ଯୌନ ନିର୍ଯ୍ୟାତନା ଅପରାଧରୁ କିପରି ସେମାନଙ୍କୁ ସୁରକ୍ଷା ଦିଆଯାଇପାରିବ ସେ ନେଇ ମଧ୍ୟ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲାର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଶ୍ରୀଯୁକ୍ତ ଅଭିଜିତ ପଲେଇ ଯୋଗ ଦେଇ କନ୍ୟା ଶିଶୁମାନଙ୍କୁ ଯୌନନିର୍ଯ୍ୟାତନାରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିବା ପୋକ୍ସୋ ଆଇନ ସମ୍ପର୍କରେ ସୂଚନା ଦେବା ସହିତ ଏ କ୍ଷେତ୍ରରେ ଶିଶୁମଙ୍ଗଳ କମିଟି ଓ ପୋଲିସ୍ ?ର ଦାୟିତ୍ୱ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। ଏହା ବ୍ୟତୀତ ଯୌନଶୋଷଣ ହୋଇଥିବା ୧୮ ବର୍ଷରୁ କମ୍ ନାବାଳିକାମାନେ କିପରି ନ୍ୟାୟ ପାଇପାରିବେ, କୋର୍ଟ ପରିସରରେ ସେମାନଙ୍କ ସାକ୍ଷୀ କିପରି ସୁସ୍ଥ ବାତାବରଣରେ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ପୀଡ଼ିତାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ଷତିପୂରଣ ଯୋଜନା ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କର ମଧ୍ୟରେ ଯାଜପୁର ଜିଲ୍ଲା ଲୟରସ୍ ବାର ଆସୋସିଏସନର ସଭାପତି ଶ୍ରୀଯୁକ୍ତ ପ୍ରବୀର କୁମାର ରାୟ ଏବଂ ସମ୍ପାଦକ ଶ୍ରୀଯୁକ୍ତ ଅନନ୍ତ ବାସୁଦେବ ମିଶ୍ର ମଧ୍ୟ ଯୋଗ ଦେଇ ଏହି ଆଇନର ବିଭିନ୍ନ ଦିଗ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। ଏହି ସଭାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିବା ବେଳେ ପ୍ରାଧିକରଣର କର୍ମଚାରୀଗଣ ସହଯୋଗ କରିଥିଲେ । ଏହି ଆଇନ ସଚେତନତା ସଭାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ପାରାଲିଗାଲ ସ୍ୱେଚ୍ଛାସେବୀ, ନେହେରୁ ଯୁବକସଂଘ, ଯାଜପୁରର ସେଚ୍ଛାସେବୀ ମାନେ ମଧ୍ୟ ଯୋଗଦାନ କରିଥିଲେ।

ଗ୍ରାମ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ବୈଠକ

ଉଲୁଣ୍ଡା,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବାଗବର ପଂଚାୟତର ନୂଆଗଡ ଗାଁ ରାମଲୀଳା ମଣ୍ଡପ ପ୍ରାଙ୍ଗଣରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ସୋନପୁର ରେଆର ଦ୍ୱାରା ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ପର୍ଯ୍ୟବେକ୍ଷକ ଭାବରେ ଜିଲ୍ଲା ଜରୁରୀକାଳୀନ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱନାଥ ନାୟକ ଯୋଗଦେଇ କମିଟି ଗଠନର ନୀତି ନିୟମ ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ୱାର୍ଡ ସଭ୍ୟ, ଗ୍ରାମ ସମ୍ବଳ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ଯୋଗଦେଇ ବିପର୍ଯ୍ୟୟ ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗ୍ରାମ କମିଟି ଗଠନ କରାଯାଇଥିଲା। ରେଆର ତରଫରୁ ବିଶ୍ୱମ୍ଭର ସାହୁ, ସୁଦାମ ଗାଈଗରିଆ, ମିତ୍ରଭାନୁ ମଲ୍ଲିକ ଯୋଗ ଦେଇଥିଲେ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବ୍ଲକସ୍ତରୀୟ ଗୀତାବୃତ୍ତି ପ୍ରତିଯୋଗୀତା

ବାସୁଦେବପୁର,(ନିପ୍ର): ବାସୁଦେବପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ହନୁମାନ ବାଟିକାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଚାରିଗୋଟି ବିଭାଗରେ ବିଭିନ୍ନ ବିଦ୍ୟାଳୟର ମୋଟ ୧୩୦ ଜଣ ଛାତ୍ରୀଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବରେ ବରିଷ୍ଠ ଶିକ୍ଷାବିତ ଭଗବାନଚନ୍ଦ୍ର ମିଶ୍ର, ଲୋକନାଥ ଶତପଥୀ, ନିରଞ୍ଜନ ଧୂପାଳ, ବିପଦଭଞ୍ଜନ ପାଢୀ, ପିତାମ୍ବର ତ୍ରିପାଠୀ, ବୁଦ୍ଧିରାମ ବେହେରା, ଶାନ୍ତିଲତା ମଣ୍ଡଳ, ଦମୟନ୍ତି ପାଣି, ସଦାନନ୍ଦ ପାଣିଗ୍ରାହୀ, ଶରତ ମହନୀ ପ୍ରମୁଖ ଯୋଗ ଦେଇ କୋମଳମତୀ ଛାତ୍ରଛାତ୍ରୀମାନଙ୍କ ଶ୍ଳୋକ ଆବୃତ୍ତିର ସଠିକ ମୂଲ୍ୟାଙ୍କନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ ପ୍ରତିଯୋଗୀତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସୁଦର୍ଶନ ଅଗସ୍ତି ଓ ଅଧ୍ୟାପକ ନିରଞ୍ଜନ କୁମାର ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ଗୀତାପାଠର ଆବଶ୍ୟକତା ଓ ଆଧ୍ୟାତ୍ମିକତା ଜୀବନ ଉପରେ ମାର୍ଗଦର୍ଶନ କରାଇଥିଲେ। ବାଇଚଢେଇର ସଂପାଦକ କବି ବିକାଶ କୁମାର ଶତପଥ

ଖେଳାଳିଙ୍କୁ ୨ ବର୍ଷର ବ୍ୟାନ ଧମକ ଦେଲା ବିସିସିଆଇ



ନୂଆଦିଲ୍ଲୀ, ୨୯।୯: ଆଇପିଏଲ ୨୦୨୫ ମେଗା ଅକ୍ସନ ପୂର୍ବରୁ ବଡ଼ ପଦକ୍ଷେପ ନେଇଛି ବିସିସିଆଇ। ଖେଳାଳିଙ୍କୁ ବିସିସିଆଇ ଦେଇଛି ୨ ବର୍ଷର ବ୍ୟାନ ଚେତାବନୀ। ଯଦି କୌଣସି ଖେଳାଳି ଆଇପିଏଲରେ ନିଲାମ ହେବା ପରେ ବ୍ୟକ୍ତିଗତ କାରଣ ପାଇଁ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବେ, ତାହେଲେ ସେମାନଙ୍କୁ ୨ ବର୍ଷ ପାଇଁ ବ୍ୟାନ କରାଯିବ ବୋଲି ବିସିସିଆଇ କହିଛି।

ତେବେ ନିଲାମ ପରେ ଆହତ କିମ୍ବା ଅନ୍ୟ କୌଣସି ମେଡିକାଲ ଗ୍ରାଉଣ୍ଡରେ ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରୁ ନାଁ ପ୍ରତ୍ୟାହାର ପାଇଁ ସୁଯୋଗ ମିଳିବ। ହେଲେ ଏଥିପାଇଁ ଘରୋଇ ବୋର୍ଡର ଅନୁମତି ଦରକାର ପଡ଼ିବ ବୋଲି ବିସିସିଆଇ ସ୍ପଷ୍ଟ କରିଛି । ଅନେକ ସମୟରେ କିଛି ବିଦେଶ ଖେଳାଳି ନିଲାମ ପରେ ଆଇପିଏଲରୁ ନିଜ ନାଁ ବ୍ୟକ୍ତିଗତ କାରଣ ପାଇଁ ପ୍ରତ୍ୟାହାର କରିବାର ନଜିର ରହିଛି। ନିଲାମ ପରେ ଏପରି ପଦକ୍ଷେପ ଖେଳାଳିମାନେ ନେଉଥିବାରୁ ଫ୍ରାଞ୍ଚାଇଜମାନେ ଅଡୁଆରେ ପଡୁଥିଲେ। ସେମାନଙ୍କ ଟିମ କମ୍ବିନେସନରେ ମଧ୍ୟ ସମସ୍ୟା ଦେଖାଯାଉଥିଲା।

ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଏପରି ପଦକ୍ଷେପ ଗ୍ରହଣ କରିଛି ଏହାକୁ ଫ୍ରାଞ୍ଚାଇଜଙ୍କ ଠାରୁ ବରିଷ୍ଠ କ୍ରିକେଟମାନେ ସମର୍ଥନ କରିଛି। ଟିମ ଇଣ୍ଡିଆ ର ପୂର୍ବତନ କ୍ରିକେଟର ଇରଫାନ ପଠାନ ଏକ୍ସ ଯୋଗେ ବିସିସିଆଇର ବ୍ୟାନ ଚେତାବନୀକୁ ପ୍ରଶଂସା କରିଛନ୍ତି। ଶନିବାର ଆଇପିଏଲର ଗଭର୍ଣ୍ଣିଂ କାଉନସିଲ ବୈଠକ ବସିଥିଲା। ଏହି ବୈଠକରେ ନୂଆ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାକୁ ସବୁ ଫ୍ରାଞ୍ଚାଇଜ ସମର୍ଥନ କରିଥିଲେ। କାରଣ ନିଲାମ ପରେ କିଛି ଖେଳାଳି ନାଁ ପ୍ରତ୍ୟାହାର କରୁଥିବା ଉପଯୁକ୍ତ ବଦଳ ଖେଳାଳି ପାଇବାରେ ଟିମକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଆଇପିଏଲରେ ରିଟେନ ଖେଳାଳି ସୀମାକୁ ୫କୁ ବୃଦ୍ଧି କରାଯାଇଛି। ଗୋଟିଏ ଦଳ ସର୍ବାଧିକ ୫ ଖେଳାଳିଙ୍କୁ ନିଲାମ ପୂର୍ବରୁ ନିଜ ପାଖରେ ରଖି ପାରିବ। ସେହିପରି ରାଇଟ ଟୁ ମ୍ୟାଚ୍ କାର୍ଡ ମଧ୍ୟ ବ୍ୟବହାର କରିପାରିବ। ଯଦି କୌଣସି ଖେଳାଳିଙ୍କୁ ପୁରୁଣା ଫ୍ରାଞ୍ଚାଇଜ ନେବାକୁ ଚାହୁଁଛନ୍ତି, ତାହେଲେ ନିଲାମରେ ସେ ଯେତିକୁ ଟଙ୍କାରେ ବିକ୍ରି ହେବାକୁ ଯାଉଥିବେ ସେତିକି ଟଙ୍କା ଦେଇ କିଣି ପାରିବେ। ଏହାକୁ ଆରଟିଏମ କୁହାଯାଏ। ଏହାବାଦ ପୂର୍ବରୁ ଫ୍ରାଞ୍ଚାଇଜଗୁଡ଼ିକ ସର୍ବାଧିକ ୧୦୦ କୋଟି ଟଙ୍କା ବଳରେ ଖେଳାଳି କିଣୁଥିଲେ ।କିନ୍ତୁ ଏବେ ଏହାକୁ ୧୨୦ କୋଟି ଟଙ୍କା କରାଯାଇଛି।

ଟି୨୦ ଦଳରେ କୋଚ ଗମ୍ଭୀରଙ୍କ ନିକଟତମ ଖେଳାଳି

ନୂଆଦିଲ୍ଲୀ, ୨୯।୯: ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ତିନି ମ୍ୟାଚ ବିଶିଷ୍ଟ ଟି -୨୦ ସିରିଜ ପାଇଁ ଟିମ ଇଣ୍ଡିଆ। ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱରେ ସିନିୟର ଚୟନ କମିଟି ଶନିବାର ରାତିରେ ୧୫ ଜଣିଆ। ଦଳ ଘୋଷଣା କରିଛି। ଏହି ଦଳ ଚୟନକୁ ଦେଖିଲେ, ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପ୍ରଭାବ ସ୍ପଷ୍ଟ ଦେଖାଯାଏ କାରଣ ତାଙ୍କର କିଛି ବିଶେଷ ଖେଳାଳି ଦଳରେ ସ୍ଥାନ ପାଇଛନ୍ତି।

ଗମ୍ଭୀର ଆଇପିଏଲରେ ଦୁଇଟି ଦଳ ପାଇଁ ଜଣେ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଛନ୍ତି।ସେ ଲକ୍ଷ୍ନୌ ସୁପର ଜିଆଣ୍ଟସ ସହିତ ଦୁଇ ବର୍ଷ ରହିଲେ ।ଏହା ପରେ ସେ ଗତ ବର୍ଷ କୋଲକାତା ନାଇଟ ରାଇଡର୍ସକୁ ଜଣେ ମେଣ୍ଟର ଭାବରେ ଫେରି ଦଳକୁ ଟାଇଟଲ ଆଡକୁ ନେଇଥିଲେ। ଏହି ଦୁଇ ଦଳର ପ୍ରତ୍ୟେକ ଖେଳାଳି ଦଳରେ ସ୍ଥାନ ପାଇଛନ୍ତି, ଯାହା ଆଶା କରାଯାଇନଥିଲା ।

ଦଳରେ ସବୁଠାରୁ ଅଧିକ ଆଶ୍ଚର୍ଯ୍ୟ ହୋଇଥିବା ନାମ ହେଉଛି ବରୁଣ ଚକ୍ରବର୍ତ୍ତୀ। ଟି -୨୦ ବିଶ୍ୱକପ -୨୦୨୧ରେ ଦଳର ଏକ ଅଂଶ ଥିବା ବରୁଣ ଦୀର୍ଘ ଦିନ ଧରି ଆଇପିଏଲରେ କୋଲକାତା ପାଇଁ ଖେଳୁଥିଲେ। ସେ ଗମ୍ଭୀରଙ୍କ ଅଧିନାୟକତ୍ୱରେ ଆଇପିଏଲ ଡେବ୍ୟୁ କରିଥିଲେ। ସେ କେବଳ ଆଇପିଏଲରେ ନିଜର ଦୃଢ଼ ଖେଳ ଆଧାରରେ ଟି -୨୦ ବିଶ୍ୱକପରେ ସ୍ଥାନ ପାଇଛନ୍ତି। ତେବେ ଏହାପୂର୍ବରୁ ସେ ଶ୍ରୀଲଙ୍କା ଗସ୍ତରେ ନିଜର ଟି -୨୦ ଡେବ୍ୟୁ କରିଥିଲେ। ଭାରତ ପାଇଁ ଏପର୍ଯ୍ୟନ୍ତ ଖେଳାଯାଇଥିବା ୬ଟି ମ୍ୟାଚରେ ବରୁଣ କେବଳ ଦୁଇଟି ୱିକେଟ ନେଇଛନ୍ତି।

ଟିମ ଇଣ୍ଡିଆରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଦୌଡ଼ରେ ତାଙ୍କୁ କୌଣସି ସ୍ଥାନରେ ଦେଖିବାକୁ ମିଳି ନଥିଲା, କିନ୍ତୁ ତାଙ୍କ ନାମ ଦଳରେ ଅଛି। ଗମ୍ଭୀର ବରୁଣଙ୍କୁ ବହୁତ ପସନ୍ଦ କରନ୍ତି ଏବଂ ତାଙ୍କୁ ମଧ୍ୟ ବିଶ୍ୱାସ କରନ୍ତି ବୋଧହୁଏ ଏହି କାରଣ ପାଇଁ ତିନି ବର୍ଷ ପରେ ଟିମ ଇଣ୍ଡିଆରେ ପ୍ରତ୍ୟାବର୍ତ୍ତନ କରବାରେ ବରୁଣ ହଠାତ୍ ସଫଳ ହୋଇଥିଲେ।

ଯେତେବେଳେ ଗମ୍ଭୀର ଲକ୍ଷ୍ନୌର ପରାମର୍ଶଦାତା ବା ମେଣ୍ଟର ଥିଲେ, ସେତେବେଳେ ସେ ମୟଙ୍କ ଯାଦବଙ୍କୁ ନଜରରେ ରଖିଥିଲେ। ମୟଙ୍କ ତାଙ୍କର ବୋଲିଂରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ମଝି ସିଜନରେ ସେ ଆହତ ହୋଇଥିଲେ ମଧ୍ୟ ସେ ବର୍ତ୍ତମାନ ଭଲ ଅଛନ୍ତି। ତାଙ୍କୁ ଗମ୍ଭୀରଙ୍କ ଘନିଷ୍ଠ ବନ୍ଧୁ ଭାବରେ ମଧ୍ୟ ବିବେଚନା କରାଯାଏ କୋଚ। ତୁଫାନି ବୋଲରଙ୍କୁ ବହୁତ ପସନ୍ଦ କରନ୍ତି ମୟଙ୍କ ପ୍ରଥମ ଥର ପାଇଁ ଟିମ ଇଣ୍ଡିଆକୁ ଆସୁଛନ୍ତି।

ତୃତୀୟ ଦିନର ଖେଳ ବାତିଲ

କାନପୁର, ୨୯।୯: ଭାରତ-ବାଂଲାଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନରେ ମଧ୍ୟ ଗୋଟିଏ ବି ବଲ ପଡ଼ି ପାରି ନାହିଁ ବିନା ଖେଳରେ ତୃତୀୟ ଦିନକୁ ବାତିଲ କରି ଦିଆଯାଇଛି। ଦ୍ୱିତୀୟ ଦିନରେ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇ ପାରି ନଥିଲା। କିନ୍ତୁ ଆଜି ସକାଳ ପ୍ରାୟ ୮ଟା ୩୦ରୁ କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଟୋପାଏ ବି ବର୍ଷା ହୋଇ ନାହିଁ ସୂର୍ଯ୍ୟ ମଧ୍ୟ ଉଇଁ ଥିଲେ।

ତଥାପି ଓଦା ଆଉଟ ଫିଲ୍ଡ ଯୋଗୁ ତୃତୀୟ ଦିନର ଖେଳ ସମ୍ଭବ ହୋଇପାରି ନାହିଁ। ଆଜି ରବିବାର ଥିବାରୁ ମ୍ୟାଚ୍ ଦେଖିବାକୁ ଅନେକ ଫ୍ୟାନ୍ସ ଆସିଥିଲେ। ବର୍ଷା ନଥିବାରୁ ମ୍ୟାଚ୍ ଆରମ୍ଭ ହେବ ବୋଲି ଆଶା କରି ରହିଥିଲେ କିନ୍ତୁ ଶେଷରେ ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଦ୍ୱିତୀୟ ଦିନ ଭଳି ତୃତୀୟ ଦିନରେ ଗୋଟିଏ ବି ବଲ ପଡ଼ି ପାରିନାହିଁ।

ଦ୍ୱିତୀୟ ଦିନରେ ଲଗାଣ ବର୍ଷା ଯୋଗୁ ପୂରା ଗ୍ରାଉଣ୍ଡକୁ ଘୋଡ଼ାଇ ରଖାଯାଇଥିଲା ହେଲେ ଆଜି ସେମିତି ସ୍ଥିତି ନଥିଲା ସକାଳ ୮.୩୦ରୁ ବର୍ଷା ହୋଇ ନଥିବାରୁ ସମସ୍ତ କଭରକୁ ୯.୩୦ ସୁଦ୍ଧା କାଢ଼ି ଦିଆଯାଇଥିଲା। ସମସ୍ତେ ଭାବିଥିଲେ ୧ ଘଣ୍ଟା ଭିତରେ ମ୍ୟାଚ୍ ଆରମ୍ଭ ହେବ କିନ୍ତୁ ବୋଲର୍ସ ରନ ଅପ ପାଖରେ ଥିବା ଗୋଟିଏ ଓଦା ସ୍ଥାନ ଓ ଆଉଟ ଫିଲ୍ଡ ଓଦା ଥିବାରୁ ଏହା ସମ୍ଭବ ହୋଇ ପାରି ନଥିଲେ।

ଗ୍ରାଉଣ୍ଡ ଷ୍ଟାଫ ଏହାକୁ ଶୁଖାଇବା ପାଇଁ ଫୁଲଦମରେ ଲାଗି ପଡ଼ିଥିଲେ। କିନ୍ତୁ ଦିନ ୨ଟା ସୁଦ୍ଧା ଏହା ସମ୍ଭବ ପର ହୋଇ ନଥିଲା ମଧ୍ୟାହ୍ନ ବେଳକୁ ସୂର୍ଯ୍ୟ ମଧ୍ୟ ଉଇଁବା ଆରମ୍ଭ କରିଥିଲେ। ତଥାପି କିଛି ବି ଲାଭ ହୋଇ ନଥିଲା। ଓଦା ଆଉଟ ଫିଲ୍ଡ ଯୋଗୁ ତୃତୀୟ ଦିନକୁ ଅମ୍ପାୟାର ବାତିଲ କରିଥିଲେ। ପ୍ରଥମ ଦିନ ମଧ୍ୟ ବର୍ଷା ହେବାରୁ କେବଳ ୩୫ ଓଭର ହିଁ ଖେଳା ଯାଇଥିଲା ବାଂଲାଦେଶ ୩ ୱିକେଟ ହରାଇ ୧୦୭ ରନ କରିଛି ମୋମିନୁଲ ହକ ୪୦ ଓ ମୁଶଫିକର ରହିମ ୬ ରନ କରି ଅପରାଜିତ ରହିଛନ୍ତି।ଆଜି ଯଦି ବର୍ଷା ଆଉ ନ ହେବ, ତାହେଲେ କାଲି ଠାରୁ ବାଂଲାଦେଶ ବ୍ୟାଟିଂ କରିବ। କିନ୍ତୁ ଟେଷ୍ଟ ମ୍ୟାଚ୍‌ରେ କେବଳ ଦୁଇ ଦିନ ବାକି ଥିବାରୁ ଏହା ଡ୍ର ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଶ୍ରୀଲଙ୍କାର ବଡ଼ବିଜୟ

ଗାଲେ, ୨୯।୯: ଶ୍ରୀଲଙ୍କାରେ ମାଟି କାମୁଡ଼ିଛି ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଟେଷ୍ଟରେ ବଡ଼ ବିଜୟ ହାସଲ କରିଛି ।ଶ୍ରୀଲଙ୍କା ଇନିଂସ ଓ ୧୫୪ ରନରେ ମ୍ୟାଚ୍‌କୁ ଜିତି ସିଂହଳ ଟିମ ୨-୦ରେ ଟେଷ୍ଟ ସିରିଜକୁ କ୍ଲିଇନ ସ୍ୱିପ କରିଛି ।ଏହା ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଶ୍ରୀଲଙ୍କାର ସବୁଠାରୁ ବୃହତ୍ତର ବିଜୟ।

ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ବ୍ୟାଟିଂ କରୁଥିବା ଶ୍ରୀଲଙ୍କା ଦୀନେଶ ଚାଣ୍ଡିମାଲଙ୍କ ୧୧୬, ଆଞ୍ଜେଲୋ ମାଥ୍ୟୁସଙ୍କ ୮୮, କାମିନ୍ଦୁ ମେଣ୍ଡିସଙ୍କ ରେକର୍ଡ ଅପରାଜିତ ୧୮୮ ଓ କୁଶଲ ମେଣ୍ଡିସଙ୍କ ଅପରାଜିତ ୧୦୬ ରନ ବଳରେ ୭ ୱିକେଟରେ ୬୦୨ ରନ କରିବା ପରେ ପାଳି ଘୋଷଣା କରିଥିଲା

ତେବେ ନ୍ୟୁଜିଲ୍ୟାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ପ୍ରଭାତ ଜୟସୂରିୟା ଓ ନିଶାନ ପେଇରିସଙ୍କ ଯୋଡ଼ି ନ୍ୟୁଜିଲ୍ୟାଣ୍ଡର କୌଣସି ବ୍ୟାଟରଙ୍କୁ ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ମିଳିତ ଭାବେ ୯ ୱିକେଟ ଦଖଲ କରି ନ୍ୟୁଜିଲ୍ୟାଣ୍ଡର ପ୍ରଥମ ପାଳିକୁ ୪୦ ଓଭର ମଧ୍ୟରେ ୮୮ ରନର ଶେଷ କରି ଦେଇଥିଲେ।

ପ୍ରଭାତ ୬ଟି ଓ ନିଶାନ ୩ଟି ୱିକେଟ ନେଇଥିବା ବେଳେ ଅସିତା ଫର୍ଣ୍ଣାଣ୍ଡୋଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଥିଲା ୮୮ ରନରେ ଦଳ ଅଲଅଉଟ ହୋଇଯିବାରୁ ଶ୍ରୀଲଙ୍କା ଫଲୋଅନ ଡାକିଥିଲା ଏଥିଯୋଗୁ ନ୍ୟୁଜିଲ୍ୟାଣ୍ଡ ତାର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା।

ଦ୍ୱିତୀୟ ଇନିଂସରେ ନ୍ୟୁଜିଲ୍ୟାଣ୍ଡ କିଛିଟା ଲଢ଼େଇ କରିଥିଲାଫାଁ। ଗ୍ଲେନ ଫିଲିପ୍ସ ୭୮, ଡେଭୋନ କନୱେ ୬୧, ଟମ ବ୍ଲଣ୍ଡେଲ ୬୦ ଓ ମିଚେଲ ସାଣ୍ଟନର ୬୭ ରନ କରିଥିଲେ। ହେଲେ ଶ୍ରୀଲଙ୍କାକୁ ପୁଣି ବ୍ୟାଟିଂ କରିବାକୁ ନ୍ୟୁଜିଲ୍ୟାଣ୍ଡ ଟାର୍ଗେଟ ଦେଇ ପାରି ନଥିଲା ପୂରା ଟିମ ୩୬୦ ରନରେ ଅଲଅଉଟ ହୋଇଥିଲା। ଏଥିଯୋଗୁ ଘରୋଇ ଟିମ ଗୋଟିଏ ଇନିଂସ ଓ ୧୫୪ ରନରେ ମ୍ୟାଚ ଜିତିବା ସହ ସିରିଜକୁ ୨-୦ରେ କବଜା କରିଛି।

ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ଦୁଇ ସ୍ପିନର ପ୍ରଭାତ ଓ ନିଶାନ କମାଲ କରିଛନ୍ତି ନିଶାନ ୧୭୦ ରନ ଦେଇ ୬ଟି ୱିକେଟ ନେଇଥିବା ବେଳେ ପ୍ରଭାତ ୧୩୯ ରନ ଦେଇ ୩ଟି ୱିକେଟ ନେଇଛନ୍ତି। ଅଧିନାୟକ ଧନଞ୍ଜୟ ଡିସିଲଭାଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଛି।

ଦୁଇଟି ମ୍ୟାଚ୍‌ରେ ୧୮ଟି ୱିକେଟ ନେଇଥିବା ଜୟସୂରିୟା ଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ମିଳିଛି। ସେହିପରି ନିଶାନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଏହାକୁ ମିଶାଇ ଶ୍ରୀଲଙ୍କା କ୍ରମାଗତ ୩ଟି ଟେଷ୍ଟ ମ୍ୟାଚ ଜିତିଛି ଇଂଲଣ୍ଡକୁ ତାରି ମାଟିରେ ଶ୍ରୀଲଙ୍କା ଶେଷ ଟେଷ୍ଟରେ ହରାଇଥିଲା । ଏବେ ନ୍ୟୁଜିଲ୍ୟାଣ୍ଡକୁ ଦୁଇଟି ଯାକ ଟେଷ୍ଟରେ ଦଳ ହରାଇଛି କ୍ରମାଗତ ୩ଟି ବିଜୟ ସହ ଦଳ ବିଶ୍ୱ ଟେଷ୍ଟ ଚମ୍ପିୟନଶିପର ଫାଇନାଲ ଖେଳିବା ଦୌଡ଼ରେ ନିଜକୁ ସାମିଲ କରିପାରିଛି।

ଅକ୍ଟୋବର ୧୮ରୁ ପୁରୀରେ ଜାତୀୟ ତୀରନ୍ଦାଜ

ପୁରୀ : ପୁରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ୪ର୍ଥ ଏନଟିପିସି ଜାତୀୟ ରାଙ୍କିଂ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୮ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ କୁ ଶୃଙ୍ଖଳିତ ଓ ସୁଚାରୁ ରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୁରୀ ରେ ଜାତୀୟ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ ର ଆୟୋଜନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପପ୍ରଶାସନ ଓ କ୍ରୀଡା ବିଭାଗ ପକ୍ଷରୁ ସହଯୋଗ ଦେବାକୁ ସେ ସୂଚନା ଦେଇଥିଲେବିଭିନ୍ନ ବିଭାଗର ସମନ୍ୱୟ ରେ ଏହା ଯେପରି ଭଲ ଭାବରେ ଆୟୋଜିତ ହେବ। ସେଥିପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡିଶା ତୀରନ୍ଦାଜ ଆସୋସିଏସନ ର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ବିସ୍ତୃତ ସୂଚନା ଦେଇ ସିନିୟର, ଜୁନିୟର ଓ ସବ ଜୁନିୟର ସ୍ତରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ ଓ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ ମଧ୍ୟ କରାଯିବ ବୋଲି କହିଥିଲେ।ଯେହେତୁ ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଆସିବେ। ସେଥିପାଇଁ ସୁରକ୍ଷା, ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା, ଟ୍ରାଫିକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ କୈଳାସ ଚନ୍ଦ୍ର ନାୟକ, ସିଡିଏମଓ ଡା ରୂପଭାନୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ରାମଚନ୍ଦ୍ର ଦାସମହାପାତ୍ର , ଓଡ଼ିଶା ତୀରନ୍ଦାଜ ଆସୋସିଏସନ ର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, କୋଷାଧ୍ୟକ୍ଷ ସୌରଜିତ ସିଂ,କାର୍ଯ୍ୟକାରୀ। କମିଟି ସଦସ୍ୟ ଜିତେନ୍ଦ୍ର ନାଥ ଦାସ, ଶ୍ରଦ୍ଧାନନ୍ଦ ଦାସ,ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

ସାହାଣୀ କପ୍ ଫୁଟବଲ୍ : କଟକ ଓ ଗଞ୍ଜାମ ବିଜୟୀ

ପାରାଦୀପ, ୨୯।୯: ପାରାଦୀପ ବନ୍ଦର ଓ ଓଡ଼ିଶା ଫୁଟବଲ ଆସୋସିଏସନର ମିଳିତ ଆନୁକୁଲ୍ୟରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ଆନ୍ତଃ ଜିଲ୍ଲା ସ୍ତରୀୟ ୬୩ ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାର ୫ ମ ଦିନର ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଗଞ୍ଜାମ ଦଳ ଜଗତସିଂହପୁର ଦଳକୁ ୨-୧ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ସେହିପରି ଦ୍ୱୀତିୟ ମ୍ୟାଚରେ କଟକ ଦଳ ପୁରୀକୁ ୫-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଆସନ୍ତା କାଲି ପାରାଦୀପ କେନ୍ଦ୍ରାପଡ଼ାକୁ ତଥା ଭୁବନେଶ୍ୱର ଖୋର୍ଦ୍ଧାକୁ ଭେଟିବ ।

ଦିଲ୍ଲୀର ସାଥି ଛାଡିବେ ପନ୍ତ !

ନୂଆଦିଲ୍ଲୀ, ୨୯।୯: ଟିମ୍ ଇଣ୍ଡିଆ ର ଷ୍ଟାର ୱିକେଟ କିପର ବ୍ୟାଟସମ୍ୟାନ। ଦୁର୍ଘଟଣା ପରେ କରିଛନ୍ତି ଜବରଦସ୍ତ କମବ୍ୟାକ୍ ସେ ଟିମ୍ ଇଣ୍ଡିଆ ଏବଂ ଆଇପିଏଲ୍‌ରେ ମଧ୍ୟ ଦେଖାଉଛନ୍ତି ନିଜର ଜଲୱା। ଦୀର୍ଘଦିନ ଧରି ଦିଲ୍ଲୀ କ୍ୟାପିଟାଲ୍ସ ସହ ଯୋଡି ହୋଇଛନ୍ତି ରିଷଭ ପନ୍ତ।

ଆଇପିଏଲ୍ ୨୦୨୪ରେ ସେ ଦିଲ୍ଲୀର ହୋଇଥିଲେ ଅଧିନାୟକ। କିନ୍ତୁ ପନ୍ତଙ୍କ ଅଧିନାୟକତ୍ୱରେ ଦିଲ୍ଲୀ ପ୍ଲେ ଅଫ୍ରେ କ୍ୱାଲିଫାଏ କରିପାରିନଥିଲା। ଏହି ସମୟରେ ପନ୍ତଙ୍କୁ ନେଇ ଜୋରଦାର ହୋଇଥିଲା ଚର୍ଚ୍ଚା। କୁହାଯାଉଥିଲା କି ପନ୍ତ ଆଗାମୀ ସିଜିନ୍ ଅର୍ଥାତ୍ ଆଇପିଏଲ୍ ୨୦୨୫ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଖେଳିବେ। ବର୍ତ୍ତମାନ ଏହି ଗୁଜବକୁ ନେଇ ନୀରବତା ଭାଙ୍ଗିଛନ୍ତି ପନ୍ତ।ପ୍ଲେୟର ଜଣେ ୟୁଜର୍ସଙ୍କ ମେସେଜ୍‌ରେ କମେଣ୍ଟ ଦେଇ ଲେଖିଛନ୍ତି ଦିନକୁ ଦିନ ଏହା ଖରାପ ହେବାରେ ଲାଗିଛି। ଏହା ପ୍ରଥମ ଥର ନୁହେଁ ଯେ ଏପରି ହେଉଛି, ଭୁଲ ଖବର ପ୍ରଚାର ହେଉଛି। ତେବେ ପନ୍ତଙ୍କ ଏହି ଉତ୍ତର ଦେଖି ସ୍ପଷ୍ଟ ହୋଇଛି କି ସେ ୨୦୨୫ରେ ର ଅଂଶ ହେବେନି।

ଖବର ଅନୁଯାୟୀ ଜଣେ ବ୍ୟକ୍ତି ରେ ପୋଷ୍ଟ କରିଥିଲେ କି ପନ୍ତ ତାଙ୍କ ମ୍ୟାନେଜରଙ୍କ ଜରିଆରେ ନିକଟକୁ ଯାଇଥିଲେ। ଆରସିବି ଅଧିନାୟକତ୍ୱ ପାଇଁ ପନ୍ତ ପ୍ରସ୍ତାବ ରଖିଥିଲେ। କିନ୍ତୁ ତାଙ୍କୁ ମନା କରିଦେଇଛି ଆରସିବି ସେ ଆହୁରି ଲେଖିଛନ୍ତି କି ବିରାଟ କୋହଲି ଚାହୁଁନାହାନ୍ତି ପନ୍ତ ଆରସିବିର ଅଂଶ ହୁଅନ୍ତୁ ।

ତେବେ ଏହି ପୋଷ୍ଟର ରିପ୍ଲାଏ ଦେଇଛନ୍ତି ପନ୍ତ ସେ ଲେଖିଛନ୍ତି, ଆପଣମାନେ